Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୮, ଭୁବନେଶ୍ୱର, ଜାନୁଆରୀ ୮-୧୪, ୨୦୨୪ Vol-1, Issue-8, Bhubaneswar, January 8-14, 2024

### ୪ ନେତାଙ୍କୁ ବିଜେଡିର ଗ୍ରୀନ୍ ସିଗନାଲ୍

## ସମ୍ବଲପୁରରୁ ଲଢ଼ିବେ ବବି



ଭୁବନେଶ୍ୱର (ଭିଓଭି): ସମ୍ବଲପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବପ୍ରକାଶ ସମ୍ବଲପୁର ଲୋକସଭା ଆସନରୁ ଲଢ଼ିପାରନ୍ତି ବୋଲି ଇସାରା ଦେଇଥିଲେ ।

ବିଜେଡିର ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ(ବବି) ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ ହେବେ । ଗଣମାଧ୍ୟମରେ ଏଭଳି ଚର୍ଚ୍ଚା ଉପରେ ବବିଙ୍କ ଅଫିସ୍ ମୋହର ଲଗାଇଛି । କେବଳ ସମ୍ବଲପୁର ନୁହେଁ ବ୍ରହ୍ମପୁର, କନ୍ଧମାଳ ଓ ଭୁବନେଶ୍ୱର ଲୋକସଭା ଆସନରେ ବିଜେଡି ନିଜର ପ୍ରାର୍ଥୀଙ୍କୁ ଏବେଠୁ ପ୍ରଚାର ଅଭିଯାନ ଜୋରଦାର କରିବାକୁ ଗ୍ରୀନ୍ ସିଗନାଲ ଦେଇଥିବା ଜଣାପଡ଼ିଛି ।


ସୂଚନା ଅନୁସାରେ, ସମ୍ବଲପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବପ୍ରକାଶ ସିଧାସଳଖ ନହେଲେ ବି ବୁଲେଇବଙ୍କେଇ ସମ୍ବଲପୁର ଲୋକସଭା ଆସନରୁ ଲଢ଼ିପାରନ୍ତି ବୋଲି ଇସାରା ଦେଇଥିଲେ । ସମ୍ବଲପୁରରେ ତାଙ୍କର ଘର ଥିଲା, ତାଙ୍କ ବାପା ସେଠାରେ ରହୁଥିଲେ । ମୁଖ୍ୟମନ୍ତ୍ରୀଙ୍କର ସେ ଏକ ନମ୍ବର କର୍ମୀ ଆଉ ଏକ ନମ୍ବର ଯୋଦ୍ଧା । ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁଠୁ ଲଢ଼ିବାକୁ ଆଦେଶ କରିବେ ସେ ସେଠାରେ ଲଢ଼ିବେ ବୋଲି କହିଥିଲେ । ଇସାରା ଇସାରାରେ ବବି କହିଥିବା ଏହି କଥାକୁ ଗଣମାଧ୍ୟମ ଖବର ଆକାରରେ ପ୍ରକାଶ କରିଥିଲା ।

ସମ୍ବଲପୁର ଲୋକସଭା ଆସନରୁ ବବି ବିଜେଡି ପ୍ରାର୍ଥୀ ଭାବେ ଲଢ଼ିପାରନ୍ତି ବୋଲି ଗଣମାଧ୍ୟମରେ ସମ୍ଭାବନା ବ୍ୟକ୍ତ ହୋଇଥିଲା । ମାତ୍ର ବବିଙ୍କ ଅଫିସ୍ ଏହି ଖବରକୁ ମୋହର ମାରିଛି । ବବିଙ୍କ ବ୍ୟକ୍ତିଗତ କର୍ମଚାରୀ ତଥା ତାଙ୍କର ଖାସ୍ ଅନୁଗତ ପ୍ରକାଶ କୁମାର ମହାନ୍ତି ସୋସିଆଲ ମିଡିଆରେ ଏହି ଖବରକୁ ଶେୟାର କରିଛନ୍ତି । ଆଉ ପ୍ରକାଶଙ୍କ ଏହି ଫେସବୁକ ପେଜରେ ନିଜେ ବବି ଓ ଅନ୍ୟ ବରିଷ୍ଠ ବିଜେଡି ନେତାମାନେ ମଧ୍ୟ ରହିଛନ୍ତି ।

ସମ୍ବଲପୁର ଲୋକସଭା ଆସନରୁ ବିଜେପି ନିଜର ହେଭିୱେଟ୍ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରିବାର ଯଥେଷ୍ଟ ସମ୍ଭାବନା ଥିବାରୁ ସେହି ଆସନରୁ ଲଢ଼ିବା ପାଇଁ ବବି ଇସାରା ଦେବା ଓ ତାଙ୍କ ଅଫିସ୍ ଏହାକୁ ମୋହର ମାରିବାକୁ ନେଇ ରାଜନୀତିକ ମହଲରେ ନାନାଦି ଚର୍ଚ୍ଚା । ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି ଯେ, ଏହା ବିଜେଡିର 'ରାଜନୀତିକ ଗୁଗ୍‌ଲି' ।

ଅନ୍ୟପକ୍ଷରେ ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର ଶ୍ରୀ ପାଣ୍ଡିଆନ ନିଜର ଏହି ଖାସ୍ ଅନୁଗତମାନଙ୍କୁ ଆଗୁଆ ଟିକେଟ୍ ପାଇଁ ଗ୍ରୀନ ସିଗନାଲ୍ ଦେଇଛନ୍ତି । ବିଶେଷକରି ଏବେ ଅନ୍ୟ ୩ ଲୋକସଭା ଆସନରୁ ଯଥା କନ୍ଧମାଳରୁ ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଆସନରୁ ଶ୍ରୀମୟୀ ମିଶ୍ର ଓ ବ୍ରହ୍ମପୁର ଆସନରୁ ମାନସ ମଙ୍ଗରାଜଙ୍କୁ ପ୍ରାର୍ଥୀ କରିବାକୁ ବିଜେଡି ଆପାତତଃ ନିଷ୍ପତ୍ତି ନେଇଛି ଏବଂ ସମ୍ପୃକ୍ତ ନେତାମାନଙ୍କୁ ନିର୍ବାଚନୀ ପ୍ରଚାର ଓ ସାଂଗଠନିକ କାର୍ଯ୍ୟ ଜୋରଦାର କରିବା ନିମନ୍ତେ ଗ୍ରୀନ୍ ସିଗନାଲ ଦେଇଥିବା ଚର୍ଚ୍ଚା ହେଉଛି ।







## ଓଡ଼ିଶାରେ ବିଜେପି ସରକାର କରିବ: ହିମନ୍ତ ବିଶ୍ୱଶର୍ମା



ଭୁବନେଶ୍ୱର (ଭିଓଭି): 'ଓଡ଼ିଶାରେ ବିଜେପି ସରକାର କରିବ । ମୁଁ ଶପଥ ଉତ୍ସବକୁ ଆସିବି ।' ଭୁବନେଶ୍ୱର ସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏହି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ହିମନ୍ତ ବିଶ୍ୱଶର୍ମା । ସେ କହିଥିଲେ, ୨୦୧୯ରେ ବିଜେପି ୩୮% ଭୋଟ ପାଇଥିଲା । ୪% ବ୍ୟବଧାନ ଥିଲା । ଓଡ଼ିଶାରେ ଯଦି ନବୀନ ବ୍ରାଣ୍ଡ ଅଛି, ବିଜେପିକୁ ୩୮% ମିଳିଲା କିପରି ? ଯଦି ୧ କୋଟି ଲୋକ ଜଣଙ୍କୁ ବ୍ରାଣ୍ଡ ମାନୁ ନାହାନ୍ତି, ତାହେଲେ ଆଉ ୩୦ରୁ ୫୦ ଲକ୍ଷ ଭୋଟ ଆସିବାକୁ କେତେ ସମୟ ଲାଗିବ ? ଓଡ଼ିଶାରେ ଆମ ସରକାର ହେବ ଓ ଶପଥଗ୍ରହଣ ଉତ୍ସବକୁ ମୋତେ ଆସିବାକୁ ପଡ଼ିବ ।

# ସଂ ପା ଦ କୀ ୟ

୮ରୁ୧୪ ଜାନୁଆରୀ ୨୦୨୪



## ସଙ୍କଟରେ ଚତୁର୍ଥସ୍ତମ୍ଭ

କରୋନା ସମୟରୁ ସାମ୍ବାଦିକମାନଙ୍କ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପ୍ରବେଶ ଉପରେ କଟକଣା ଲାଗିଥିଲା। ଆଜି ଦିନରେ ସେଭଳି କୌଣସି ପରିସ୍ଥିତି ନଥିବାବେଳେ ସାମ୍ବାଦିକବନ୍ଧୁମାନେ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି ଯାହା ନିନ୍ଦନୀୟ ବିଷୟ। ଆମ ରାଜ୍ୟ ପରି ଏକ ଶାନ୍ତିପ୍ରିୟ ରାଜ୍ୟରେ ଏଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଉଛି ଏହାର ତର୍ଜମା ହେବାର ଆବଶ୍ୟକତା ଅଛି। ଖବରକାଗଜ ଏବଂ ଖବର ସରବରାହ ସଂସ୍ଥାମାନଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଆଖ୍ୟା ଦିଆଯାଇଛି। ଗଣତନ୍ତ୍ରର ସୁରକ୍ଷା ପାଇଁ ଉପରୋକ୍ତ ସଂସ୍ଥାମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷ ଭାବରେ କ୍ଷମତାରେ ଥିବା ସରକାରୀ ଦଳକୁ ସେମାନଙ୍କର ତ୍ରୁଟି ବା ମନୋମୁଖୀ କାର୍ଯ୍ୟକଳାପର ସଠିକ୍ ବିଶ୍ଳେଷଣ କରି ଜନସାଧାରଣଙ୍କ ନିକଟରେ ଉପସ୍ଥାପନା କରିବା ଏବଂ ବିରୋଧୀ ଦଳମାନଙ୍କୁ ଜନସାଧାରଣଙ୍କର ସ୍ୱାର୍ଥ ରକ୍ଷା ଭଳି ତଥ୍ୟଭିତ୍ତିକ ବିଷୟବସ୍ତୁ ବାବଦରେ ଦାବି ଉପସ୍ଥାପନା କରାଇବାର ମୁଖ୍ୟ କାମ ସାମ୍ବାଦିକ ବନ୍ଧୁମାନଙ୍କର। ଏଥିନିମନ୍ତେ ସାମ୍ବାଦିକମାନଙ୍କୁ ଅନୁସନ୍ଧାନମୂଳକ ଖବର ସଂଗ୍ରହ କରି ଲୋକଲୋଚନକୁ ଆଣିବାର ଆବଶ୍ୟକତା ଅଛି; ଯାହା ଏବେର ସ୍ଥିତିରେ ସମ୍ଭବ ହେଉନାହିଁ। ଏପରି ଏକ ପରିସ୍ଥିତି ସୃଷ୍ଟି ହେବା ପାଇଁ କ'ଣ କାରଣ ହୋଇପାରେ ସେ କଥା ମଧ୍ୟ ଆଲୋଚନାର ବିଷୟବସ୍ତୁ। କିଛି ଦିନ ତଳେ ଏନ୍‌ଡି ଟିଭିକୁ ଏକ ବ୍ୟବସାୟ ପ୍ରତିଷ୍ଠାନ କିଣିନେଲା ପରେ ସେହି ସଂସ୍ଥାରୁ କିଛି ସ୍ୱାଭିମାନୀ ସାମ୍ବାଦିକ ଇସ୍ତଫା ଦେଇ ସାରା ଭାରତବର୍ଷରେ ଏକ ନିଆରା ଉଦାହରଣ ସୃଷ୍ଟି କଲେ। ବର୍ତ୍ତମାନର ସ୍ଥିତିରେ ପ୍ରାୟ ସବୁ ବଡ଼ ବଡ଼ ଖବର ସରବରାହ ପ୍ରତିଷ୍ଠାନମାନ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ବା ବ୍ୟବସାୟିକ ଅନୁଷ୍ଠାନର ବ୍ୟକ୍ତିଗତ ମାଲିକାନାରେ ପରିଚାଳିତ। ଅନେକ ଦିନ ତଳୁ ଅନୁସନ୍ଧାନମୂଳକ ସାମ୍ବାଦିକତା କରୁଥିବା ବ୍ୟକ୍ତି ବହୁ କଷ୍ଟ କରି ସମ୍ବାଦ ସଂଗ୍ରହ କଲାପରେ ସଂସ୍ଥାର ମାଲିକ ସେଇ ଖବରକୁ ନେଇ ନିଜର ବ୍ୟକ୍ତିଗତ ଫାଇଦା ପାଇଁ ବ୍ୟବହାର କରି ବ୍ୟବସାୟ ବୃଦ୍ଧି କଲେ; ଯେଉଁଥିପାଇଁ ଏଭଳି ସାମ୍ବାଦିକତାରେ କାର୍ଯ୍ୟରତ ବ୍ୟକ୍ତିଙ୍କୁ ମାନସିକ ନିର୍ଯାତନା ଦେଇ ଗତି କରିବାକୁ ପଡ଼ିଲା। ଏଭଳି ଘଟଣା କାଁ ଭାଁ ନୁହେଁ ବରଂ ଏହା ପ୍ରାୟ ସବୁଠି ଘଟିବା ଯୋଗୁଁ ଅନୁସନ୍ଧାନମୂଳକ ସାମ୍ବାଦିକତାପ୍ରତି ନିଷ୍ଠାପର ସାମ୍ବାଦିକମାନେ ବିତସ୍ପୃହ ହେବାରେ ଲାଗିଲେ ଏବଂ କାଳକ୍ରମେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ହିଁ ଏଭଳି ମହତ୍ କାର୍ଯ୍ୟ କରୁଛନ୍ତି। ଖବର ସରବରାହ ସଂସ୍ଥାମାନେ ଏବେ କେତେ ବର୍ଷ ହେବ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଭ୍ୟ ବା ହିତାଧିକାରୀ ହୋଇଥିବାରୁ ସେମାନଙ୍କ ପାଖରେ କାମ କରୁଥିବା ସ୍ୱାଧୀନଚେତା ସାମ୍ବାଦିକଟି ନିଜର ବୃତ୍ତି ପାଇଁ ବାଧ୍ୟବାଧକତାର ଶିକୁଳି ଭିତରେ କାର୍ଯ୍ୟ କରୁଛି ଯେଉଁଥିପାଇଁ ତା'ର ସୃଜନଶୀଳତାର ବ୍ୟବହାର କରିପାରୁନାହିଁ। ଏଭଳି ପରିବେଶ ଭିତରେ ସାମ୍ବାଦିକତା କରୁଥିବା ବ୍ୟକ୍ତି ବିଶେଷମାନେ ନିଜର ମେଧା ବା ସୃଜନଶୀଳତାକୁ କାମରେ ଲଗାଇବା ପରିବର୍ତ୍ତେ ଖବର ସଂଗ୍ରହ ପାଇଁ ନିର୍ଭରଶୀଳ ପଥ ଅବଲମ୍ବନ କରିବାକୁ ବାଧ୍ୟ ହେଲେ। ଫଳସ୍ୱରୂପ ଯେ କୌଣସି କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାମାନଙ୍କଠାରୁ ଲେଖାଥିବା କାଗଜଟିକୁ ସଂଗ୍ରହ କରି ତାକୁ ମାଲିକର ମନୋଭାବ ଅନୁଯାୟୀ ରୂପାନ୍ତରିତ କରି ଖବର ପରିବେଷଣ କଲେ। ଏହି କାର୍ଯ୍ୟକ୍ରମଟି ଅନେକ ବର୍ଷ ଧରି ଏକ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଯିବା ଦ୍ୱାରା ସରକାରୀ କଳକୁ ଏମାନଙ୍କୁ ନିୟନ୍ତ୍ରଣ କରିବାଟା ଅତି ସହଜ ହୋଇଗଲା। ଯେଉଁଥିପାଇଁ ବୋଧେ ଏବେ ସାମ୍ବାଦିକମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଧାନସଭା ଆଦି ସ୍ଥାନକୁ ଖବର ସଂଗ୍ରହ ପାଇଁ ଯିବାକୁ ବାରଣ କରାଗଲେ ବି ଏହାର ପ୍ରକୃତ ପ୍ରଭାବ ନା ସାଧାରଣ ଲୋକଙ୍କ ଉପରେ ପଡୁଛି ନା ସାମ୍ବାଦିକ ବନ୍ଧୁ ନା ସମ୍ବାଦ ସରବରାହ ସଂସ୍ଥା ଉପରେ ପଡୁଛି। ସମୟ ଥାଉ ଥାଉ ସଜାଡ଼ି ନ ହେଲେ ଚତୁର୍ଥ ସ୍ତମ୍ଭର ସ୍ଥିତି ଯେ ନିଶ୍ଚୟ ସଙ୍କଟାପନ୍ନ ହେବ ଏଥିରେ ସନ୍ଦେହ ନାହିଁ।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ସଂପର୍କ ବାଣିଜ୍ୟ, ରାଜ୍ୟ ବିସ୍ତାର ଓ ଧର୍ମ ପ୍ରସାର

**ଦେବବ୍ରତ ମହାପାତ୍ର**

ଓଡ଼ିଶାର ସାମୁଦ୍ରିକ ପରମ୍ପରା କେତେ ପୁରାତନ ତାହା ସଠିକ୍ ଭାବେ ନିରୂପଣ କରିବା ସମ୍ଭବ ନହେଲେ ମଧ୍ୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ ଅନୁମାନ କରାଯାଏ ଯେ ନୂତନ ପ୍ରସ୍ତର ଯୁଗର ଶେଷ ଭାଗ ବେଳକୁ ଓଡ଼ିଶାର ସାମୁଦ୍ରିକ ସଂପର୍କ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କ ସହିତ ସ୍ଥାପିତ ହୋଇ ତାମ୍ରଯୁଗ ଓ ଲୌହଯୁଗରେ ଏହାର ବିକାଶ ଘଟିଥିଲା। କ୍ରମେ ଏହି ସାମୁଦ୍ରିକ ସଂପର୍କ ଶ୍ରୀଲଙ୍କା, ମାଳଦ୍ୱୀପ, ଆଫ୍ରିକା ମହାଦେଶ ଓ ରୋମ୍ ସାମ୍ରାଜ୍ୟ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ମାଣିକପାଟଣା, ପାଲୁର, ଶିଶୁପାଳଗଡ଼, ଗୋଳବାଇଶାସନ, ବାମନଘାଟି ଓ ଆହୁରି ଅନେକ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଖନନରୁ ଏ ବିଷୟରେ ପର୍ଯ୍ୟାପ୍ତ ପ୍ରମାଣ ଉପଲବ୍ଧ ହୋଇଛି। ଏସବୁ ସ୍ଥାନମାନଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ଗୋଳବାଇଶାସନର ପ୍ରତ୍ନତାତ୍ତ୍ୱିକ ନିଷ୍କର୍ଷ ଉଲ୍ଲେଖଯୋଗ୍ୟ। କାର୍ବନ ଡେଟିଂ ପ୍ରକ୍ରିୟା ଦ୍ୱାରା ନିରୂପିତ ସମୟ ସାରଣୀ ଅନୁସାରେ ଖ୍ରୀ.ପୂ. ୨୩୦୦ରୁ ଏଠାରେ ଏକ ପୁରାତନ ସଭ୍ୟତା ଗଢ଼ି ଉଠିଥିଲା। ଏଠାରୁ ପ୍ରାପ୍ତ ପ୍ରତ୍ନତାତ୍ତ୍ୱିକ ବସ୍ତୁ ସମୂହରୁ ଏଠାରେ ଏକ ବୋଇତ ନିର୍ମାଣ ଓ ମରାମତି କେନ୍ଦ୍ର ରହିଥିବାର ସୂଚନା ମିଳିଥାଏ। କଳିଙ୍ଗରେ ହସ୍ତୀଯୂଥ ପରିବହନ କରିପାରୁଥିବା ଭଳି ଅତିକାୟ ବୋଇତ ନିର୍ମାଣ ହେଉଥିବାର ପ୍ରମାଣ ବ୍ରହ୍ମେଶ୍ୱର ମନ୍ଦିର ନିକଟରୁ ପ୍ରାପ୍ତ ଓ ଅଧୁନା ରାଜ୍ୟ ସଂଗ୍ରହାଳୟରେ ସ୍ଥାନିତ ଦୁଇଟି ପ୍ରସ୍ତର ଫଳକରୁ ମିଳିଥାଏ। ତାମ୍ରଲିପ୍ତ ସହିତ ପାଲୁର ଓ ମାଣିକପାଟଣା ଓଡ଼ିଶାର ପ୍ରମୁଖ ବନ୍ଦର ଥିବା ଗ୍ରିକ୍ ବିଦ୍ୱାନ ଟଲେମି ଓ ହୁଏଂସାଙ୍କ ବିବରଣୀରୁ ଜଣାପଡ଼େ। ଏହି ବନ୍ଦରଗୁଡ଼ିକ ଓଡ଼ିଶାର ସାମୁଦ୍ରିକ ସଂପର୍କ ବ୍ୟାପ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର ଖାରବେଳ ହାତୀଗୁମ୍ଫା ଶିଳାଲେଖରୁ ଅନେକ ଆଗରୁ କଳିଙ୍ଗର ଚୀନ ସହିତ ବାଣିଜ୍ୟିକ ସଂପର୍କ ଥିବାର ପ୍ରମାଣିତ ହୁଏ।

ଏହି କ୍ରମରେ ଅତି ପୁରାତନ କାଳରୁ କଳିଙ୍ଗ ଓ ମ୍ୟାନମାର (ବ୍ରହ୍ମଦେଶ) ମଧ୍ୟରେ ଏକ ନିବିଡ଼ ସାମୁଦ୍ରିକ ସଂପର୍କ ଥିବା ପରିଲକ୍ଷିତ ହୁଏ। ଖ୍ରୀ.ପୂ. ସପ୍ତମ ଶତାବ୍ଦୀରେ କିଛି କଳିଙ୍ଗ ଅଧିବାସୀ ସମୁଦ୍ର ପଥରେ ଦକ୍ଷିଣ ବ୍ରହ୍ମଦେଶରେ ପ୍ରବେଶ କରି ଏକ ଉପନିବେଶ ସ୍ଥାପନ କରିଥିଲେ। ସେହି ଅଞ୍ଚଳ ସେତେବେଳେ 'କଳିଙ୍ଗରଥ' ନାମରେ ନାମିତ ହୋଇଥିଲା ଓ ଆଧୁନିକ ପେଗୁ, ମ୍ୟାଉଙ୍ଗମ୍ୟା ଓ ବାସେଇନ୍ (ପାଥେଇନ୍) ଅଞ୍ଚଳରେ ବ୍ୟାପ୍ତ ଥିଲା। ଭିକ୍ଷୁ ପାନ୍ନାସାମୀଙ୍କ ଦ୍ୱାରା ଲିଖିତ ଶାସନବଂଶ ଓ ସ୍ଥାନୀୟ ଦନ୍ତକଥା ଅନୁସାରେ ବୁଦ୍ଧଙ୍କ ପ୍ରଥମ ଗୃହୀ ଶିଷ୍ୟ ଉକ୍କଳ (ଉତ୍କଳ)ର ଦୁଇଜଣ ବଣିକ ତାପସୁ ଓ ବିଲ୍ଲିକ ବୁଦ୍ଧଙ୍କଠାରୁ ପ୍ରାପ୍ତ ଆଠଟି କେଶ ସ୍ମୃତିରୁ ତିନୋଟି କେଶ ଓକ୍କାଲାପା (ୟାଂଗୋନ)ର ରାଜାଙ୍କୁ ପ୍ରଦାନ କରିଥିଲେ ଯାହା ଶ୍ୱେଦାଗନ ପାଗୋଡ଼ାରେ ପୂଜା ପାଉଛି। ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗରଥକୁ ସ୍ଥାନୀୟ ଅଧିବାସୀମାନେ କରାୟତ୍ତ କରି ନେଇଥିଲେ। ଏହା ସତ୍ତ୍ୱେ କଳିଙ୍ଗ ଓ ବ୍ରହ୍ମଦେଶ ମଧ୍ୟରେ ଗଢ଼ିଉଠିଥିବା ସଂପର୍କ ଅତୁଟ ଥିଲା। ବ୍ରହ୍ମଦେଶର ଏକ ଧାର୍ମିକ ଓ ଗୁରୁତ୍ୱପୂର୍ଣ୍ଣ ଜନପଦ ଆଧୁନିକ ପ୍ରୋମ ସହର ପୁରୀ ଶ୍ରୀକ୍ଷେତ୍ର ନାମାନୁସାରେ ଶ୍ରୀକ୍ଷେତ୍ର ନାମରେ ନାମିତ ଥିଲା। ଏଠାରୁ ମିଳିଥିବା ଦୁଇଟି ସ୍ୱର୍ଣ୍ଣପଟର ଲିପି କଳିଙ୍ଗ ମାଠର ଓ ଗଙ୍ଗବଂଶ ଦ୍ୱାରା ବ୍ୟବହୃତ ଲିପି ସହିତ ଅନେକାଂଶରେ ମେଳ ଖାଉଥିବାର ଲକ୍ଷ୍ୟ କରାଯାଏ। ସେଠାର ପାଗାନ ଓ ଥାଟୋଁ ଅଞ୍ଚଳର ମନ୍ଦିର ଏବଂ ପାଗୋଡ଼ା ଗାତ୍ରର ଭାସ୍କର୍ଯ୍ୟ ଓ କଳିଙ୍ଗ ବିଶେଷତଃ ଭୁବନେଶ୍ୱର ମନ୍ଦିରଗୁଡ଼ିକର ଭାସ୍କର୍ଯ୍ୟ ମଧ୍ୟରେ ଅତି ମାତ୍ରାରେ ସମାନତା ପରିଲକ୍ଷିତ ହୁଏ। ବ୍ରହ୍ମଦେଶର ଆନନ୍ଦ ମନ୍ଦିର ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ମନ୍ଦିର ଦ୍ୱାରା ଅନୁପ୍ରାଣିତ ହୋଇଥିଲା ବୋଲି ଜନଶ୍ରୁତି ଅଛି।

ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ସିଂହପୁରର କଳିଙ୍ଗ ବଂଶୋଦ୍ଭବ ରାଜକୁମାର ବିଜୟ ତାଙ୍କର ଅନୁଗାମୀଙ୍କ ସହ ଉଚ୍ଛୃଙ୍ଖଳତା ପାଇଁ ତାଙ୍କର ପିତା ସିଂହବାହୁଙ୍କ ଦ୍ୱାରା ନିର୍ବାସିତ ହୋଇ ସମୁଦ୍ର ପଥରେ ପହଞ୍ଚିଥିଲେ ଶ୍ରୀଲଙ୍କା (ସିଂହଳ)ରେ ଏବଂ ସେଠାର ମୂଳ ଅଧିବାସୀଙ୍କୁ ଯୁଦ୍ଧରେ ପରାସ୍ତ କରି ଏକ ନୂତନ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଏହା ପରଠାରୁ କଳିଙ୍ଗ ଓ ଶ୍ରୀଲଙ୍କା ମଧ୍ୟରେ ଏକ ଚମତ୍କାର ସାମାଜିକ ଓ ରାଜନୈତିକ ସଂପର୍କର ଆରମ୍ଭ ହୋଇଥିଲା। ପରବର୍ତ୍ତୀ କାଳରେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରୁ ଆଦ୍ୟ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗ ବଂଶର ନିଶଙ୍କମଲ୍ଲ, ମାଘ ଆଦି ରାଜାମାନେ ସଂପୂର୍ଣ୍ଣ ଶ୍ରୀଲଙ୍କା ଅଥବା ଉତ୍ତର ଶ୍ରୀଲଙ୍କାରେ ରାଜତ୍ୱ କରିଥିଲେ। ଭାରତ ମହାସାଗରୀୟ ଦ୍ୱୀପଗୁଡ଼ିକ ମଧ୍ୟରେ ସିଂହଳର କଳିଙ୍ଗ ସହିତ ସବୁଠାରୁ ଗଭୀରତମ ଓ ଦୀର୍ଘତମ ସଂପର୍କ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଅନେକ ପ୍ରତ୍ନତାତ୍ତ୍ୱିକ ଉପଲବ୍ଧି କଳିଙ୍ଗ ଓ ଶ୍ୟାମଦେଶ (ଥାଇଲାଣ୍ଡ) ମଧ୍ୟରେ ଏକ ଦୃଢ଼ ସଂପର୍କର ସୂଚନା ଦିଏ। ଅଶୋକଙ୍କ କଳିଙ୍ଗ ଯୁଦ୍ଧ ପରେ ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ଓ ଦ୍ୱିତୀୟ ପୁଲକେଶୀଙ୍କ କଳିଙ୍ଗ ଆକ୍ରମଣ ପରେ ଖ୍ରୀ. ସପ୍ତମ ଶତାବ୍ଦୀ ବେଳକୁ ଅନେକ କଳିଙ୍ଗବାସୀ ସମୁଦ୍ର ପଥରେ ଶ୍ୟାମଦେଶ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିଥିବାର ବିଶ୍ୱାସ କରାଯାଏ। ଓଡ଼ିଶାର କାର୍ତ୍ତିକ ପୂର୍ଣ୍ଣିମା ବୋଇତ ବନ୍ଦାଣ ସହିତ ପ୍ରଭୂତ ସାମଞ୍ଜସ୍ୟ ରଖୁଥିବା ଥାଇଲାଣ୍ଡରେ ପାଳିତ ଲୋଇ କ୍ରାଥୋଙ୍ଗ ପର୍ବ ଏହାର ମୂକସାକ୍ଷୀ। କାର୍ତ୍ତିକ ପୂର୍ଣ୍ଣିମା ଦିନରେ ପାଳିତ ଏହି ପର୍ବରେ ଥାଇ ମହିଳାମାନେ କଦଳୀପଟୁକାରେ ମହମବତି ଜାଳି ଓ ସେଥିରେ ପାନ ଗୁଆ ରଖି ତାକୁ ଜଳରେ ଭସାଇ ଥାଆନ୍ତି।

ଖ୍ରୀ. ପ୍ରଥମ ଶତାବ୍ଦୀ ବେଳକୁ କଳିଙ୍ଗର କାମ୍ବୋଡିଆ (କମ୍ବୋଜ) ସହିତ ମଧ୍ୟ ଏକ ସୁନ୍ଦର ସମ୍ବନ୍ଧର ସୂତ୍ରପାତ ହୋଇଥିଲା। ଭାରତର ଜଣେ ବ୍ରାହ୍ମଣ (କୌଣ୍ଡିନ୍ୟ) ତାଙ୍କର କିଛି ଅନୁଚରମାନଙ୍କ ସହ କାମ୍ବୋଡିଆ ନିକଟରେ ସମୁଦ୍ରଯାତ୍ରା କରୁଥିବାବେଳେ ସେଠାର ନାଗବଂଶୀୟ ରାଜକୁମାରୀ ସୋମାଙ୍କର ଆକ୍ରମଣର ଶିକାର ହେଲେ। ଏହି ଯୁଦ୍ଧରେ ସେ ସଫଳତାର ସହ ନିଜକୁ ରକ୍ଷା କରିବା ସହିତ ତାଙ୍କର ତୀର ଦ୍ୱାରା ସୋମାଙ୍କ ବୋଇତକୁ କ୍ଷତିଗ୍ରସ୍ତ କରିଦେଇଥିଲେ। ସୋମା କୌଣ୍ଡିନ୍ୟଙ୍କ ବୀରତ୍ୱରେ ମୁଗ୍ଧ ହୋଇ ତାଙ୍କୁ ଦେଇଥିବା ବିବାହ ପ୍ରସ୍ତାବକୁ କୌଣ୍ଡିନ୍ୟ ସ୍ୱୀକାର କଲେ ଓ ସେଠାରେ ଫୁନାନ ବା କୌଣ୍ଡିନ୍ୟ ସାମ୍ରାଜ୍ୟର ମୂଳଦୁଆ ସ୍ଥାପନ କରିଥିଲେ। କୌଣ୍ଡିନ୍ୟଙ୍କ ମାତୃଭୂମି ଉପରେ ଐତିହାସିକମାନଙ୍କ ଭିତରେ ମତାନୈକ୍ୟ ଥିଲେ ମଧ୍ୟ ଅଧିକାଂଶ ସେ କଳିଙ୍ଗର ମୂଳ ବାସିନ୍ଦା ବୋଲି ମତପୋଷଣ କରନ୍ତି। ଫୁନାନ୍ ସାମ୍ରାଜ୍ୟସ୍ଥିତ ଏକ ପର୍ବତ ଶ୍ରେଣୀ ମହେନ୍ଦ୍ର ପର୍ବତ ଧର୍ମ ଓ ରାଜନୈତିକ ଦୃଷ୍ଟିକୋଣରୁ ସେ ସାମ୍ରାଜ୍ୟର ପ୍ରାଣକେନ୍ଦ୍ର ଥିଲା। ସେତେବେଳର ଶୈବ ଶାସକମାନେ ସେହି ଅଞ୍ଚଳରୁ ଶାସନ କରିବା ସହିତ ପର୍ବତ ଶିଖରରେ ସ୍ଥାପିତ ଶିବଲିଙ୍ଗ ସେମାନଙ୍କର ଆରାଧ୍ୟ ଦେବତା ଥିଲେ। ସେହିପରି ସେ ସମୟରେ ମହେନ୍ଦ୍ର ଗିରି କଳିଙ୍ଗ ସାମ୍ରାଜ୍ୟର ଏକ ପ୍ରମୁଖ ଏବଂ ପବିତ୍ର ଅଞ୍ଚଳ ହିସାବରେ ପରିଗଣିତ ହେଉଥିଲା ଓ ପର୍ବତ ଶିଖରରେ ସ୍ଥିତ ଗୋକର୍ଣ୍ଣେଶ୍ୱର କଳିଙ୍ଗ ରାଜାମାନଙ୍କର ଇଷ୍ଟଦେବ ଥିଲେ। ସେଠାରେ କୌଣ୍ଡିନ୍ୟ କୁଳୀନ ବ୍ରାହ୍ମଣ ବସବାସ କରୁଥିବା ତତ୍କାଳୀନ କଳିଙ୍ଗ ରାଜାମାନଙ୍କ ଦ୍ୱାରା ପ୍ରଦତ୍ତ ତାମ୍ରପଟରୁ ପ୍ରମାଣିତ ହୁଏ। ମହେନ୍ଦ୍ରଗିରି ସମୀପବର୍ତ୍ତୀ ପାଲୁର ସେ ସମୟର ଏକ ପ୍ରଖ୍ୟାତ ବନ୍ଦର ଥିଲା। ତେଣୁ ଅନୁମାନସାପେକ୍ଷ ଯେ କୌଣ୍ଡିନ୍ୟ ଓ କଳିଙ୍ଗବାସୀ ମହେନ୍ଦ୍ରଗିରି ଅଞ୍ଚଳରୁ ପାଲୁର ବନ୍ଦର ଦେଇ କମ୍ବୋଡ଼ିଆ ଯାତ୍ରା କରି ସେଠାରେ ବସତି ସ୍ଥାପନ କରିଥିଲେ ଓ ପରବର୍ତ୍ତୀ କାଳରେ ତାଙ୍କର ବଂଶଧର ସ୍ଥାନୀୟ ପର୍ବତ ଶ୍ରେଣୀକୁ ମହେନ୍ଦ୍ର ପର୍ବତ ଏବଂ ତାଙ୍କ ଅଞ୍ଚଳରେ ପ୍ରଖ୍ୟାତ ମିକଙ୍ଗ୍ ନଦୀକୁ ମହାନଦୀ ନାମରେ ନାମିତ କରିଥିଲେ। ଖ୍ରୀ. ତୃତୀୟ ଶତାବ୍ଦୀରେ ଫ୍ୟୁନାନ୍ ଓ କଳିଙ୍ଗର ମୁରୁଣ୍ଡ ରାଜବଂଶ ମଧ୍ୟରେ ରାଜନୈତିକ ସଂପର୍କ ଥିବାର ପ୍ରମାଣ ଚୀନା ପରିବ୍ରାଜକ ସୁ-ୟୁଙ୍କ ବିବରଣୀରୁ ମିଳେ। ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ସେଠାରେ ନିର୍ମିତ ବିଶ୍ୱବିଖ୍ୟାତ ଆଙ୍ଗକୋରବଟ ମନ୍ଦିର ପରିସରର ଅନେକ ମନ୍ଦିର କଳିଙ୍ଗ ପଞ୍ଚରଥ ଶୈଳୀରେ ନିର୍ମିତ। ଏଠାରେ ଖୋଦିତ ମୂର୍ତ୍ତିମାନଙ୍କର କଳିଙ୍ଗର ସମସାମୟିକ ମନ୍ଦିର ଗାତ୍ରରେ ଖୋଦିତ ମୂର୍ତ୍ତିମାନଙ୍କ ସହିତ ସମାନତା ପରିଲକ୍ଷିତ ହୁଏ।

ଖ୍ରୀ. ପ୍ରଥମ ଶତାବ୍ଦୀରେ କିଛି ସାହସୀ କଳିଙ୍ଗ ନାବିକ ତାଙ୍କର ଗତାନୁଗତିକ ସୀମାରୁ ବାହାରି ଗଭୀର ସମୁଦ୍ର ଭିତରକୁ ପ୍ରବେଶ କରି ପହଞ୍ଚିଲେ ମାଳୟ (ମାଲେସିଆ) ଓ ଜାଭା ଦ୍ୱୀପରେ ଏବଂ ସେଠାରେ ବାଣିଜ୍ୟିକ ସଂପର୍କ ସ୍ଥାପନ କରିବା ସହିତ ବସତି ମଧ୍ୟ ସ୍ଥାପନ କରିଥିଲେ। ଜାଭାର ଏକ ଲୋକୋକ୍ତି ଅନୁସାରେ କଳିଙ୍ଗରୁ ପ୍ରାୟ କୋଡ଼ିଏ ହଜାର ପରିବାର ଆସି ସେଠାରେ ବସବାସ କରିଥିଲେ। ମାଳୟର ଏକ ଦନ୍ତକଥାରେ କଳିଙ୍ଗ ବିଚିତ୍ର ନାମରେ ଜଣେ ଦୈବପୁରୁଷ ସୁନ୍ଦରୀ ନାମ୍ନୀ ଜଣେ ସ୍ଥାନୀୟ କନ୍ୟାକୁ ବିବାହ କରି ସେଠାର ରାଜା ହୋଇଥିବାର ବର୍ଣ୍ଣିତ ଅଛି। ଏ ସବୁ ପଛରେ କୌଣସି ଐତିହାସିକ ପ୍ରମାଣ ନଥିଲେ ମଧ୍ୟ ଏହି କଳିଙ୍ଗବାସୀ ପ୍ରଥମ ଭାରତୀୟ ଭାବରେ ମାଳୟ-ଇଣ୍ଡୋନେସିଆ ଅଞ୍ଚଳରେ ଉପନିବେଶ ସ୍ଥାପନ କରିଥିବାର ସ୍ପଷ୍ଟ ସଂକେତ ଦିଏ। ସେ ସମୟରେ ମାଳୟାଦି ଦ୍ୱୀପରେ ସେମାନଙ୍କୁ କ୍ଲିଙ୍ଗ କୁହାଯାଉଥିଲା ଏବଂ ଜାଭା ନିକଟସ୍ଥ ସାଗରକୁ କଳିଙ୍ଗ ସାଗର କୁହାଯାଉଥିଲା। ଚୀନା ବିବରଣୀ ଅନୁସାରେ ସପ୍ତମ ଶତାବ୍ଦୀରେ ମଧ୍ୟ ଜାଭାରେ ହୋଲିଙ୍ଗ ନାମରେ ଏକ ସମୃଦ୍ଧ ରାଜ୍ୟ ଥିଲା। ଏହାକୁ ଆଧାର କରି ଐତିହାସିକମାନେ ଜାଭାରେ ପଞ୍ଚମରୁ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗ ସାମ୍ରାଜ୍ୟ ପ୍ରତିଷ୍ଠିତ ଥିବାର ମତପୋଷଣ କରନ୍ତି। ପରବର୍ତ୍ତୀ କାଳରେ ଜାଭାରେ ଶାସନ କରୁଥିବା ପ୍ରଖ୍ୟାତ ଶୈଳେନ୍ଦ୍ର ବଂଶ କଳିଙ୍ଗରୁ ଆସି ସେଠାରେ ଶାସନ କରୁଥିଲେ ବୋଲି ଅନେକ ଐତିହାସିକ ମତବ୍ୟକ୍ତ କରନ୍ତି। ତାଙ୍କ ସମୟର ଶିଳାଲେଖର ବିଷୟବସ୍ତୁ ଓ ଲିପିର ସମାନତାରୁ ଏହାର ପ୍ରମାଣ ମିଳେ। ବିଖ୍ୟାତ ବୋରୋବୁଦୁର ବୌଦ୍ଧ ମନ୍ଦିର ଓ ରତ୍ନଗିରି ଏବଂ ଲଳିତଗିରି ବୁଦ୍ଧମୂର୍ତ୍ତିମାନଙ୍କ ମଧ୍ୟରେ ଅଦ୍ଭୁତ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହୁଏ। ସେହିଭଳି ସେଠାର ଅଧିକାଂଶ ହିନ୍ଦୁ ମନ୍ଦିର ଉତ୍କଳୀୟ ପୀଢ଼ ଓ ଖାକର ଶୈଳୀରେ ନିର୍ମିତ ହୋଇଥିଲା। ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଲିଖିତ ବିଭିନ୍ନ ଶିଳାଲେଖରେ ଜାଭାର କଳିଙ୍ଗ ସହିତ ଥିବା ଅନ୍ତରଙ୍ଗ ସଂପର୍କ ବିଷୟରେ ଉଲ୍ଲେଖ ରହିଛି।

ପ୍ରାୟ ପ୍ରଥମ ଶତାବ୍ଦୀରେ କଳିଙ୍ଗବାସୀ ବାଲି ସହିତ ବାଣିଜ୍ୟିକ ସଂପର୍କ ସ୍ଥାପନ କରିବା ସହିତ ସେଠାରେ ବସତି ସ୍ଥାପନ କରି ଓଡ଼ିଶା ଓ ହିନ୍ଦୁ ସଂସ୍କୃତିର ପ୍ରସାର କରିଥିଲେ। ଆଜି ମଧ୍ୟ ସେଠାର ପର୍ବପର୍ବାଣି, ଖାଦ୍ୟ ଓ ଭାଷାରେ ଉତ୍କଳୀୟ ପ୍ରଭାବ ଦେଖିବାକୁ ମିଳିଥାଏ। ଏପରିକି ସେଠାରେ ଏକ ଚର୍ତୁଦଶ ଶତାବ୍ଦୀର ଓଡ଼ିଆ ଭାଷା ଓ ଲିପିର ଏକ ଶିଳାଲେଖ ଦେଖିବାକୁ ମିଳେ। ସେଠାର ହିନ୍ଦୁ ଓ ବୌଦ୍ଧ ମାଙ୍ଗଳିକ କାର୍ଯ୍ୟରେ ଜଗନ୍ନାଥ ନାମିତ ଏକ ଶ୍ଳୋକ "କ୍ଷମସ୍ୱ ମାଂ ଜଗନ୍ନାଥ.."ର ଆବୃତ୍ତି କରାହୁଏ। ଆଉ ମଧ୍ୟ ସେଠାରେ ସପ୍ତଗଙ୍ଗା ସହ ମହାନଦୀ ଓ ମହେନ୍ଦ୍ରତନୟାଙ୍କୁ ପବିତ୍ର ନଦୀ ହିସାବରେ ପରିଗଣିତ କରାହୁଏ। କଳିଙ୍ଗର ବାଲି ଦ୍ୱୀପ ସହ ଥିବା ସଂପର୍କ ଏବେ ବି ଓଡ଼ିଶାର ଜନମାନସକୁ ଆଚ୍ଛନ୍ନ କରି ରଖିଛି।

ଏହାର ନିଦର୍ଶନ କାର୍ତ୍ତିକ ପୂର୍ଣ୍ଣିମାରେ ଓଡ଼ିଶାର ବୋଇତ ବନ୍ଦାଣ ପର୍ବ ଓ ବାଲିଯାତ୍ରାରେ ଦେଖିବାକୁ ମିଳେ।

ମାଳଦ୍ୱୀପ (ମାଲଡିଭ)ର ସପ୍ତଦଶ ଶତାବ୍ଦୀର ଐତିହାସିକ ସିହାବୁଦ୍ଦିନଙ୍କ ପୁସ୍ତକ ଓ ସ୍ଥାନୀୟ ଲୋକଗାଥା ଅନୁସାରେ ପ୍ରାୟ ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀରେ କଳିଙ୍ଗ ରାଜକୁମାର ସୁରୁଦାସାରୁଣାଦିତ୍ୟ ତାଙ୍କ ପିତା ବ୍ରହ୍ମାଦିତ୍ୟଙ୍କ ସହିତ ମନୋମାଳିନ୍ୟ ହେବାପରେ କିଛି ସହଚରଙ୍କ ସହିତ ମାଳଦ୍ୱୀପ ପହଞ୍ଚି ସେଠାରେ ଆଦିତ୍ୟ (ସୂର୍ଯ୍ୟ) ବଂଶୀୟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ୩୬୨ ଖ୍ରୀଷ୍ଟାବ୍ଦରେ ଲିଖିତ ଏକ ବିବରଣୀ ଅନୁସାରେ ତତ୍କାଳୀନ ରୋମ୍ ସମ୍ରାଟ ଜୁଲିଆନଙ୍କ ସହ ମାଳଦ୍ୱୀପ ରାଜାଙ୍କର ସଂପର୍କ ଥିଲା। ଖ୍ରୀ. ଦଶମ ଶତାବ୍ଦୀରେ କଳିଙ୍ଗ ସୋମବଂଶର ରାଜକୁମାର ବାଳାଦିତ୍ୟ ମାଳଦ୍ୱୀପ ସୂର୍ଯ୍ୟବଂଶୀୟ ରାଜକୁମାରୀ ଶ୍ରୀମତୀ ଦାମହାରାଙ୍କୁ ବିବାହ କରି ସେଠାରେ ସୋମବଂଶୀୟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ କାଳରେ ଇସଲାମ ଧର୍ମ ଗ୍ରହଣ କରିଥିଲେ। ଏହି ବଂଶ ୧୩୮୮ ଖ୍ରୀ. ପର୍ଯ୍ୟନ୍ତ ସେଠାରେ ରାଜତ୍ୱ କରୁଥିଲା।

ଓଡ଼ିଶାର ସାମୁଦ୍ରିକ ପରମ୍ପରା କେବଳ ନୌବାଣିଜ୍ୟରେ ସୀମିତ ନଥିଲା। ପ୍ରାଚୀନ ଓଡ଼ିଶା ଏକ ସମୁନ୍ନତ ନୌବାଣିଜ୍ୟ ପରମ୍ପରାକୁ ଆଧାର କରି ଭାରତ ମହାସାଗରୀୟ ଦ୍ୱୀପ ଓ ଭାରତ ସଂଲଗ୍ନ ଦେଶମାନଙ୍କରେ ଉପନିବେଶ ସ୍ଥାପନ କରିବା ସହିତ ଭାରତୀୟ ଧର୍ମ ଓ ସଂସ୍କୃତିର ପ୍ରସାର କରିବାରେ ଏକ ପ୍ରମୁଖ ଓ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା।

# ବନ ସଂରକ୍ଷଣ ସମିତି ଗୃହ ବାରଣ୍ଡାରେ ଚାଲିଛି ପ୍ରାଥମିକ ବିଦ୍ୟାଳୟ



**କଲ୍ୟାଣସିଂହପୁର (ଭିଓଭି):** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ମାଝୀଗୁଡା ପଞ୍ଚାୟତର କୁରାଡ଼ି ପ୍ରାଥମିକ ବିଦ୍ୟାଳୟଟି ବନ ସଂରକ୍ଷଣ ସମିତି ଗୃହରେ ଚାଲିଥିବା ଦେଖିବାକୁ ମିଳିଛି । ଉକ୍ତ ବିଦ୍ୟାଳୟଟି ୨୦୧୪ ମସିହାରେ ଶୁଭାରମ୍ଭ କରାଯାଇଛି ।ପ୍ରଥମେ ଗଛମୂଳେ ପାଠ ପଢା ଯାଉଥିଲା । ଖରାବର୍ଷାରେ ଗଛମୂଳେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାରେ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଏହା ଦେଖି ଗ୍ରାମବାସୀ ପିଲାଙ୍କ ସୁବିଧା ପାଇ ଗ୍ରାମରେ ଏକ ଘରେ କିଛିଦିନ ଧରି ପାଠ ପଢା ଆରମ୍ଭ କରିଥିଲେ ।ସେହିଠାରେ ମଧ୍ୟ ଅସୁବିଧା ହେବା ଯୋଗୁଁ ବର୍ତ୍ତମାନ ବନ ସଂରକ୍ଷଣ ସମିତି କାର୍ଯ୍ୟାଳୟର ବାରଣ୍ଡାରେ ଛାତ୍ରଛାତ୍ରୀଙ୍କୁ ବସାଇ ଶିକ୍ଷାଦାନ ଦିଆଯାଉଛି ।

ଏହି କାର୍ଯ୍ୟାଳୟର ବାରଣ୍ଡାରେ ୨୦୧୯ମସିହା ଠାରୁ ପାଠ ପଢା ଚାଲିଛି । ଉକ୍ତ କାର୍ଯ୍ୟାଳୟର ଚତୁଃପାର୍ଶ୍ୱ ଖୋଲା ରହିଥିବା ଯୋଗୁଁ ବର୍ଷା ଦିନ ବର୍ଷା ପାଣି ଛିଟା ମାରୁଥିବାରୁ ଛାତ୍ରଛାତ୍ରୀ ମାନେ ପାଠ ପଢିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରା ଓ ଶୀତରେ ମଧ୍ୟ ବସି ପାଠ ପଢିବା କଷ୍ଟକର ହୋଇପଡିଛି । ଯଦି ଗ୍ରାମରେ ଖଣ୍ଡିଏ ବିଦ୍ୟାଳୟ କୋଠା ନିର୍ମାଣ କରା ନ ଗଲେ ତାହା ହେଲେ ପିଲାମାନଙ୍କୁ ବିଦ୍ୟାଳୟକୁ ନ ଛାଡି ନିଜ ଘର କାମରେ ସହଯୋଗ କରିବେ । ପିଲାଙ୍କ ପାଠ ପଢିବା ପାଇଁ ନିକଟସ୍ଥ ରେ ଥିବା ନିମାଝୋଲା ବିଦ୍ୟାଳୟକୁ ଛାଡ଼ିବାକୁ ଭୟ କରୁଛୁ । କାରଣ କୁରାଡ଼ି ଠାରୁ ନିମାଝୋଲା ପ୍ରାୟ ୩ କିମି ଦୂର । ବାଟରେ ରାସ୍ତାକୁ ଲାଗିଏକ ପୋଖରୀ ରହିଛି ତାହାରି ଭୟରେ ଛାଡୁ ନାହୁଁ ବୋଲି ବିଦ୍ୟାଳୟର ପରିଚାଳନା ସଭାପତି ଅନ୍ତରାଓ କାଡ୍ରାକା,ରାମୟା ଉର୍ଲାକା, ରବି ଉର୍ଲାକା, ଲକ୍ଷ୍ମୀକାଡ୍ରାକା, ପରୀକାଡ୍ରାକା, ଜନାଇ କାଡ୍ରାକା ପ୍ରମୁଖ ଅଭିଯୋଗ କରିଛନ୍ତି । ଏହି ବିଷୟକୁ ନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବା ସହ ଲିଖିତ ଅଭିଯୋଗ କରାଯାଇଛି ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷା ଚିତ୍ତରଞ୍ଜନ ରାଉତରାୟ କହିଛନ୍ତି । ଏବିଷୟରେ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ରମେଶ ବିଡିକାଙ୍କୁ ପଚାରିବାରୁ ସେ କହିଲେ ଗତ ଜୁଲାଇ ମାସରେ କେଉଁ ଠାରେ ବିଦ୍ୟାଳୟ ନାହିଁ ଓ କେଉଁଠି ବିଦ୍ୟୁତ ନାହିଁ ବୋଲି ବି ଆର ସି ସି ଙ୍କ ଜରିଆରେ ଜିଲା ଶିକ୍ଷା ଅଧିକାରୀ ଙ୍କୁ ପ୍ରଦାନ କରାଯାଇଛି । ସେହି ଠାରୁ ଅନୁମତି ମିଳିଲେ ବିଦ୍ୟାଳୟ ନିର୍ମାଣ କରାଯିବ ବୋଲି କହିଛନ୍ତି ।



# ଗରିବୀ ସାଜୁଛି ପାଠ ପଢ଼ାରେ ବାଧକ

ମୋହନା (ଭିଓଭି): କାଞ୍ଚନ ପାଇକ ବାହା ହୋଇଥିଲେ ୨୦୧୫ ମସିହାରେ ରମେଶ ପାଇକଙ୍କୁ । ମାତ୍ର ବିବାହର ଦେଢବର୍ଷ ନପୂରୁଣୁ ରମେଶ ଆଉ ଗୋଟେ ଝିଅକୁ ନେଇ ଚାଲିଗଲାଙ୍କ ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ବିରିକୋଟ ଗ୍ରାମରେ । ବିରିକୋଟ ଗ୍ରାମର କାଞ୍ଚନ ପାଇକ ଗଞ୍ଜାମ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ଟିକରପଡା ଗ୍ରାମ ରମେଶ ପାଇକଙ୍କୁ ୨୦୧୫ ମସିହାରେ ବିବାହ କରିଥିଲେ । କିନ୍ତୁ ବିବାହର ମାତ୍ର ୧୫ ଦିନ ପରେ ସ୍ୱାମୀ ରମେଶ ସ୍ତ୍ରୀ କାଞ୍ଚନକୁ ମାର୍ ପିଟ୍ କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ । ସ୍ୱାମୀ ଆଉ ଗୋଟେ ଝିଅକୁ ସାଙ୍ଗରେ ନେଇ କୁଆଡେ ଚାଲିଯିବା ପରେ ନିଜର ୪ ମାସର ଶିଶୁ ପୁତ୍ରକୁ ଧରି କାଞ୍ଚନ ଫେରିଥିଲେ ନିଜ ଗ୍ରାମ ବିରିକୋଟକୁ । ହେଲେ ବାପାମା ଛେଉଣ୍ଡ କାଞ୍ଚନ ନିଜ ବଡ଼ ଭାଇ ଓ ଭାଉଜର ଆଶ୍ରୟ ଲୋଡ଼ିଥିଲେ । ହେଲେ ଭାଇ ସାହାଯ୍ୟ ନକରିବାରୁ ଶେଷରେ ଗ୍ରାମର ଏକ ଅଙ୍ଗନଓ୍ୱାଡ଼ି ଦିଦିଙ୍କ ଘରର ବାରି ପଟରେ ଏକ ଜରିପାଲ ପକାଇ ନିଜ ପୁଅକୁ ଧରି ରହୁଛନ୍ତି କାଞ୍ଚନ । କୁଲି କାମ କରି ଦୁଃଖରେ ନିଜ ୭ ବର୍ଷର ପୁଅକୁ ପୋଷିବା ସହିତ ନିଜେ ବି ଚଳୁଛନ୍ତି କାଞ୍ଚନ । ଏପଟେ ପୁଅର ପାଠ ପଢ଼ିବାକୁ ମନ କିନ୍ତୁ ଅତ୍ୟନ୍ତ ଗରୀବ ହୋଇଥିବାରୁ କୁନି ପୁଅର ଆଶାକୁ ପୂରଣ କରିପାରୁ ନାହାନ୍ତି ।

ସରକାରୀ ସହାୟତା କିଛି ବି ମିଳିନି କାଞ୍ଚନ ଓ ତାଙ୍କ ପୁଅକୁ । ଏପରିକି ଘର ଖଣ୍ଡେ ନଥିବାରୁ ଅନ୍ୟ ଜଣକ ବାରିପଟରେ ରହୁଛନ୍ତି କାଞ୍ଚନ । ଯଦି ସରକାରୀ ସହାୟତା ମିଳନ୍ତା ତେବେ କାଞ୍ଚନ ଓ ତାଙ୍କ ପୁଅ ଭଲରେ ଚଳି ପାରନ୍ତେ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା ।

## ବଡ଼ଗାଁରେ ବଡ଼ ସମସ୍ୟା

# ଗୁହାରୀ ଶୁଣୁନି ପ୍ରଶାସନ, ଭୋଟବର୍ଜନ ଚେତାବନୀ

**ମୋହନା (ଭିଓଭି):** ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ରାଜ୍ୟ ସରକାର ସର୍ବଦା ତତ୍ପର ଓ ବଦ୍ଧପରିକର । ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ହୁଏ ଜନ ଅଭିଯୋଗ ଶୁଣାଣୀ । ହେଲେ ମୌଳିକ ସୁବିଧା ପାଇବା ପାଇଁ ଲୋକେ ବାରମ୍ବାର ଅଭିଯୋଗ ଜଣାଇବା ପରେ ମଧ୍ୟ ପ୍ରଶାସନ କାହିଁକି ନିଦାବିଷ୍ଟ ? ବୃଦ୍ଧି ପାଉଛି ଜନ ଅସନ୍ତୋଷ । ଭୋଟ ବର୍ଜନ ପାଇଁ ଜିଲ୍ଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଗୋଟିଏ ପଟେ ମରାମତି ବିହୀନ ରାସ୍ତା । ଅନ୍ୟପଟେ ପାନୀୟ ଜଳର ଅବ୍ୟବସ୍ଥା । ପାହାଡ଼ିଆ ରାସ୍ତା । ରାସ୍ତାର ଅବସ୍ଥା ଏମିତି ଯେ, ଚାଲି ଚାଲି ଯିବା ବି କଷ୍ଟକର । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଲାଣି । ଅନେକ ସ୍ଥାନରେ ରାସ୍ତା ଧୋଇ ହୋଇ ବଡ଼ ବଡ଼ ପଥର ଦେଖାଗଲାଣି । ତଳେ ଗହୀର ନାଳ ଉପରେ ବିପଜ୍ଜନକ ରାସ୍ତା । ସୁରକ୍ଷା ପାଚେରୀ ନାହିଁ । ତଥାପି ଏମିତି ରାସ୍ତାରେ



ଲୋକେ ଜୀବନକୁ ବାଜି ଲଗାଇ ବାଇକ ଏବଂ ଅଟୋରେ ଦୈନନ୍ଦିନ ଗମନାଗମନ କରୁଛନ୍ତି । ଟିକିଏ ଅସାବଧାନ ହେଲେ ଗାଡ଼ି ସହ ମଣିଷ ଗହୀର ପଥୁରିଆ ନାଳକୁ ଖସିଯିବାର ରହିଛି ଯଥେଷ୍ଟ ସମ୍ଭାବନା । ଏହା ହେଉଛି ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରିଠାରୁ ବଡ଼ଗାଁକୁ ସଂଯୋଗ କରୁଥିବା ପ୍ରାୟ ୧୨ କିମି ମରଣଯନ୍ତା ପାଲଟିଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଓ ବଡ଼ଗାଁ ବି.ନାୟକ ସାହିର ପାନୀୟଜଳ ଯୋଗାଣ ଅବ୍ୟବସ୍ଥାର ବିକଳ ଚିତ୍ର । ଏହି ରାସ୍ତାକୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୧କୋଟି ୧୩ ଲକ୍ଷ ୧୨ ହଜାର ଟଙ୍କା ଖର୍ଚ୍ଚରେ ୨୦୧୫ ମସିହାରେ ଠିକାଦାର ବୃନ୍ଦାବନ ସାହୁଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରି ୨୦୧୬ ମସିହାରେ ଶେଷ କରିଥିଲେ । ରାସ୍ତା କାର୍ଯ୍ୟ ସମାପ୍ତର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା ପାଇଁ ନିର୍ଦ୍ଦେଶ ରହିଛି । କିନ୍ତୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରକ୍ଷଣାବେକ୍ଷଣ ଅଭାବ ଓ ତିତଲି ମହାବାତ୍ୟା ପ୍ରଭାବରେ ରାସ୍ତା ବର୍ତ୍ତମାନ ପାଲଟିଛି ମରଣଯନ୍ତା । ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ଗାଁର ରାସ୍ତା ପୁନରୁଦ୍ଧାର କରିବାକୁ ଯେମିତି ଭୁଲି ଯାଇଛନ୍ତି । ଏହି ରାସ୍ତା ମରାମତି ପାଇଁ ନେତା ଓ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ବାରମ୍ବାର ଅଭିଯୋଗ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି କହିଛନ୍ତି ଗ୍ରାମବାସୀ ।

ଅନ୍ୟପଟେ ଏହି ଗାଁରେ ୧୫୦ ପରିବାରର ୧ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିଲେ ମଧ୍ୟ ଅନେକ ସାହିକୁ ଭଲ ରାସ୍ତାଘାଟ ନିର୍ମାଣ ହୋଇନଥିବା ବେଳେ ଗାଁରେ ପହଞ୍ଚି ପାରିନି ବସୁଧା ପାନୀୟ ଜଳ ଯୋଗାଣ । ତେଣୁ ମହିଳାମାନେ ପଥୁରିଆ ରାସ୍ତା ଦେଇ ଗାଁ ନିକଟ ପାହାଡ଼କୁ ଯାଇ ମଣିଷେ ଉଚ୍ଚତାରୁ ପଡୁଥିବା ଟିକିଏ ଟିକିଏ ପାଣିକୁ ସଂଗ୍ରହ କରି ଆଣୁଛନ୍ତି । ଖରାଦିନ ହେଲେ ପାଣି ଶୁଖିଗଲେ ୧ କିମି ଦୂର ଯାଇ ଝରଣା ଜଳ ଆଣି ବ୍ୟବହାର କରୁଛନ୍ତି । ହେଲେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ କେହି ଦୃଷ୍ଟି ଦେଉନଥିବା ବେଳେ ସାତ ଆଠ ବର୍ଷ ତଳେ ଗଜପତି ଜିଲ୍ଲା ଆଇଟିଡିଏ ପକ୍ଷରୁ ପାନୀୟ ଜଳଯୋଗାଣ ନାମରେ କିଛି ସ୍ଥାନରେ ପାଇପ ବିଛାଇବା ସହ କିଛି ସିମେଣ୍ଟ କୁଣ୍ଡ ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରିଦେଇଥିବାରୁ ତାହା ମଧ୍ୟ ସବୁ ନଷ୍ଟ ହୋଇ ପଡି ରହିଛି । କିନ୍ତୁ ସେହି ପ୍ରକଳ୍ପ କେବଳ ଠିକାଦାରଙ୍କୁ ପୋଷିବା ପାଇଁ ହୋଇଥିଲା ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ ।

# ପୁଲଓ୍ୱାମା ହମଲାକୁ ୪ ବର୍ଷ: ଏଯାଏ ଭୁଲିନି ଦେଶ



ନୂଆଦିଲ୍ଲୀ: ଆଜିକୁ ଠିକ୍ ୫ ବର୍ଷ ତଳର କଥା। ୨୦୧୯ ମସିହା ଫେବୃଆରୀ ୧୪ ତାରିଖ। ସାରା ଦେଶ ପ୍ରେମ ଦିବସ ପାଳୁଥିବା ବେଳେ ଜମ୍ମୁ-କଶ୍ମୀରର ପୁଲଓ୍ୱାମାରୁ ଆସିଥିଲା ଛାତି ଥରାଇ ଦେବା ଭଳି ଖବର। ସିଆରପିଏଫ ଯବାନମାନଙ୍କୁ ନେଇ ଯାଉଥିବା ଗୋଟିଏ ବସ୍ ଉପରେ ହୋଇଥିଲା ହମଲା।

ଆତ୍ମଘାତୀ ଆତଙ୍କୀ ହମଲା ଯୋଗୁ ଦେଶର ୪୦ ଜଣ ଯବାନ ସହିଦ ହୋଇଯାଇଥିଲେ। ପାକିସ୍ତାନରେ ସକ୍ରିୟ ଜୈଶ-ଇ-ମହମ୍ମଦର ଜଣେ ଆତଙ୍କବାଦୀ ଆଖି ପିଛୁଳାକେ ହମଲା କରି ପୂରା ଦେଶକୁ ସ୍ତବ୍ଧ କରି ଦେଇଥିଲା। ଏହି ହମଲାରେ କିଏ ନିଜ ପୁଅକୁ ହରାଇଥିଲେ ତ ଆଉ କିଏ ନିଜ ସ୍ୱାମୀ ଓ ବାପାଙ୍କୁ। ଓଡ଼ିଶାର ମଧ୍ୟ ଦୁଇ ଜଣ ବୀରପୁତ୍ର ପୁଲଓ୍ୱାମା ହମଲାରେ ସହିଦ ହୋଇଥିଲେ। ସେମାନେ ହେଲେ ଜଗତସିଂହପୁର ନୂଆଗାଁର ପ୍ରସନ୍ନ କୁମାର ସାହୁ ଓ କଟକ ନିଆଳିରୁ ମନୋଜ କୁମାର ବେହେରା।

ଏହି ଘଟଣାକୁ ୫ ବର୍ଷ ପୁରିବିବାକୁ ଯାଉଛି। ସହିଦ ଯବାନଙ୍କ ସମ୍ମାନରେ ଅନେକ ଶୋକ ପ୍ରକାଶ କରୁଛନ୍ତି। ହେଲେ ଦେଶର ୪୦ ଜଣ ଯବାନ ସବୁ ଦିନ ପାଇଁ ସମସ୍ତଙ୍କୁ ଛାଡ଼ି ଚାଲି ଯାଇଛନ୍ତି। ନିଜର ପ୍ରିୟଜନଙ୍କୁ ହରାଇ ଏବେ ବି ଯବାନଙ୍କ ପରିବାର ଲୋକ ଲୁହ ଝରାଉଛନ୍ତି। ଦେଶ ପାଇଁ ପୁଅ/ସ୍ୱାମୀ/ବାପା ବଳିଦାନ ଦେଉଥିବାରୁ ଅନେକ ଗର୍ବ କରୁଥିଲେ ମଧ୍ୟ ସେମାନଙ୍କ କଥା ମନେପଡ଼ିଲେ ଆଖିରୁ ଲୁହ ଝରି ଯାଉଛି।

ହମଲା ଏତେ ଭୟଙ୍କର ଥିଲା ଯେ ଯବାନଙ୍କ ବସ୍ ପୂରା ଛିନଛତ୍ର ହୋଇଯାଇଥିଲା। ବୀର ଯବାନଙ୍କ ମୃତଦେହ ମଧ୍ୟ ଖଣ୍ଡଖଣ୍ଡ ହୋଇଯାଇଥିଲା। ଘଟଣାକୁ ୫ ବର୍ଷ ପୂରି ଯାଇଥିଲେ ମଧ୍ୟ ସେହି କଳାଦିନ କଥା ଏବେ ବି ପ୍ରତିଟି ଭାରତୀୟଙ୍କ ଆଖି ଆଗରେ ନାଚି ଯାଉଛି।

ଆକ୍ରମଣ ପଛରେ କୁଖ୍ୟାତ ଆତଙ୍କବାଦୀ ମାସୁଦ ଆଝାରର ହାତ ଥିବା ଜଣାପଡ଼ିଥିଲା। ଏହି ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜିଥିଲା। ପୁଲଓ୍ୱାମା ଆକ୍ରମଣର କଡ଼ା ଜବାବ ଦେବା ଲାଗି ସେନା ବାହିନୀକୁ ଅନୁମତି ଦେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିଜ ଇଚ୍ଛାରେ ସମୟ ଦେଖି ଜବାବ ଦେବାକୁ କହିଥିଲେ।

୨୦୧୯ ମସିହା ଫେବୃଆରୀ ୨୪ ତାରିଖ ସକାଳୁ ୭୮ଟି ଗାଡ଼ିରେ ପ୍ରାୟ ୨୫ଶହ ଯବାନ ଜମ୍ମୁ ଠାରୁ ଜାତୀୟ ରାଜପଥ ୪୪ ଦେଇ ଶ୍ରୀନଗର ଯାଉଥିଲେ। କନଭୟ ଗୁଡ଼ିକ ପୁଲଓ୍ୱାମାର ଲେଥାପୋରା ଅଞ୍ଚଳ ଅତିକ୍ରମ କରୁଥିଲା। ଠିକ୍ ଏହି ସମୟରେ ଜୈଶର ଜଣେ ଆତଙ୍କୀ କାର୍‌ରେ ବିସ୍ଫୋରକ ଭର୍ତ୍ତି କରି ଯବାନଙ୍କୁ ନେଇ ଯାଉଥିବା ଗୋଟିଏ ବସ୍‌କୁ ଧକ୍କା ଦେଇଥିଲା। କାର୍‌ରେ ବିପୁଳ ପରିମାଣର ବିସ୍ଫୋରକ ଥିବାରୁ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବସ୍‌ଟି ଚୂରମାର ହୋଇଯିବା ସହ ୪୦ ଜଣ ସିଆରପିଏଫ ଯବାନ ସହିଦ ହୋଇଥିଲେ। ଅନେକ ଆହତ ମଧ୍ୟ ହୋଇଥିଲେ।

୧୯୮୯ ପରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି କଶ୍ମୀରରେ ସେହିଦିନ ହୋଇଥିଲା ସବୁଠାରୁ ବଡ଼ ହମଲା। ଏହି ହମଲା ପାଇଁ ଜୈଶ ନିଜକୁ ଦାୟୀ କରିଥିଲା। ହମଲା କରିଥିବା ୨୨ ବର୍ଷୀୟ ଆତଙ୍କୀ ଆଦିଲ ହମଦ ଦାର ଗୋଟିଏ ଭିଡିଓ ଜାରି କରିଥିଲା ଜୈଶ। ଆଦିଲର ଘର କଶ୍ମୀରର କାକପୋରାରେ ହୋଇଥିବା ବେଳେ ସେ ମାତ୍ର ବର୍ଷକ ତଳେ ଜୈଶରେ ସାମିଲ ହୋଇଥିଲା।

୨୦୧୮ ମାର୍ଚ୍ଚରେ ଆଦିଲ ଘର ସାଇକେଲ ନେଇ ବାହାରିଥିଲା। ହେଲେ ଆଉ ସେ ଘରକୁ ଫେରି ନଥିଲେ। ସେ ଜୈଶ ସହ ସାମିଲ ହେବା ସହ ଆତ୍ମଘାତୀ ହମଲାର ତାଲିମ ନେଇଥିଲା। ଏହାପରେ ଭାରତର ବୀର ଯବାନଙ୍କ କନଭୟକୁ ଟାର୍ଗେଟ କରିଥିଲା। ପୂରା ହମଲାର ମାଷ୍ଟରମାଇଣ୍ଡ କୁଖ୍ୟାତ ଆତଙ୍କୀ ମାସୁଦସ ଆଝାର ରହିଥିବା ବେଳେ ସେ ପାକିସ୍ତାନରୁ ଅପରେଟ କରିଥିଲା। ହେଲେ ପାକିସ୍ତାନ ଏହାକୁ ଖଣ୍ଡନ କରି ଚାଲିଛି।

ପୁଲଓ୍ୱାମା ହମଲା ସାରା ଦେଶକୁ ମର୍ମାହତ କରିଥିବା ବେଳେ ଏହାର ବଦଲା ନେବାକୁ ପଣ କରିଥିଲା ଭାରତୀୟ ସେନା। ଉଭୟ କଶ୍ମୀରର ଓ ପାକିସ୍ତାନରେ ଲୁଚିଥିବା ଆତଙ୍କୀ ଆକ୍କାମାନଙ୍କ ଉପରେ ପ୍ରତିଶୋଧ ନେବାକୁ ଆରମ୍ଭ କରାଯାଇଥିଲା ଅପରେସନ। ହମଲାର ଠିକ୍ ୧୧ ଦିନ ପରେ ଭାରତୀୟ ବାୟୁସେନା ପକ୍ଷରୁ ପାକିସ୍ତାନର ବାଲାକୋଟରେ କରାଯାଇଥିଲା ଏୟାରଷ୍ଟ୍ରାଇକ୍।

୧୨ଟି ମିରାଜ ୨୦୦୦ ଜେଟ୍ ଫେବୃଆରୀ ୨୬ ତାରିଖରେ ଏଲଓସି ଡେଇଁଥିଲେ। ଏହାପରେ ବାଲାକୋଟରେ ଥିବା ଜୈଶର ଏକାଧିକ ଠିକଣା ଉପରେ ବୋମା ଓ ମିସାଇଲ ମାଡ଼ କରିଥିଲା। ଏଥିରେ ୩୦୦ରୁ ୩୫୦ ଜଣ ଜୈଶ ଆତଙ୍କୀ ଓ ହ୍ୟାଣ୍ଡେଲରଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିଲା।

ପାକିସ୍ତାନ ଏହି ହମଲାକୁ ସହଜରେ ଗ୍ରହଣ କରିପାରି ନଥିଲା। ପାକିସ୍ତାନ ପକ୍ଷରୁ ଫେବୃଆରୀ ୨୭ରେ ଜମ୍ମୁ-କଶ୍ମୀରରେ ଏୟାର ଷ୍ଟ୍ରାଇକ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ମିଗ୍ ୨୧ ବିମାନ ଦ୍ୱାରା ଭାରତୀୟ ବାୟୁବୀରମାନେ ପାକିସ୍ତାନରୁ ଆସିଥିବା ଯୁଦ୍ଧ ବିମାନଗୁଡ଼ିକୁ ଘଉଡ଼ାଇ ଦେଇଥିଲେ।

ଏହି ଲଢ଼େଇ ଭିତରେ ଗୋଟିଏ ମିଗ ୨୧ ବିମାନ ପାକିସ୍ତାନ ସୀମାରେ ଖସି ପଡ଼ିଥିଲା। ଏହାକୁ ଚଳାଉଥିବା ଓ୍ୱିଙ୍ଗ କମାଣ୍ଡର ଅଭିନବ ବର୍ତମାନଙ୍କୁ ପାକିସ୍ତାନ କାବୁ କରିଥିଲା। ହେଲେ ଭାରତର ନାଲି ଆଖି ଓ ଅନ୍ତର୍ଜାତୀୟ ଚାପ ଯୋଗୁ ପାକିସ୍ତାନ ତାଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା। ଏହାପରେ ମଧ୍ୟ ଦୁଇ ଦେଶ ମଧ୍ୟରେ ତିକ୍ତତା ଥମି ନଥିଲା।

ପାକିସ୍ତାନ ଉପରେ ଚାପ ବଢ଼ିବାରୁ ଇସଲାମାବାଦ ବାଧ୍ୟ ହୋଇ ମାର୍ଚ୍ଚ ୫ରେ ଜୈଶ ସମସ୍ତ ବିଭିନ୍ନ ଆତଙ୍କୀ ସଂଗଠନର ୪୪ ଜଣ ସଦସ୍ୟଙ୍କୁ ଗିରଫ କରିଥିଲା। ଏମାନଙ୍କ ମଧ୍ୟରେ ଭାରତ ପଠାଇଥିବା ଦସ୍ତାବିଜ୍‌ରେ ଥିବା ଆତଙ୍କୀ ମଧ୍ୟ ରହିଥିଲେ।

ଅନ୍ୟପକ୍ଷରେ ଭାରତରେ ଏହି ଘଟଣାର ତଦନ୍ତ ଏନଆଇଏ କରିବା ସହ ୧୯ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଇଥିଲା। ହେଲେ ବିସ୍ଫୋରଣ ପରେ ବ୍ୟବହୃତ ୩୦୦ କେଜି ଓଜନର ବିସ୍ଫୋରକ କେଉଁଠୁ ଆସିଥିଲା, ସେକଥା ଏନଆଇଏ ଆଜି ଯାଏ ଜାଣିପାରି ନାହିଁ। ୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୨୦୨୧ ଅଗଷ୍ଟ ସୁଦ୍ଧା ସୁରକ୍ଷାକର୍ମୀଙ୍କ ଗୁଳିରେ ୭ ଜଣ ପ୍ରାଣ ହରାଇଥିଲେ। ବାକି ୭ ଜଣଙ୍କୁ ଗିରଫ କରାଯାଇଛି। ହେଲେ ଆଉ ୫ ଜଣଙ୍କ ପତ୍ତା ମିଳିନି।

ପୁଲଓ୍ୱାମା ହମଲାକୁ ୫ ବର୍ଷ ପୁରୁବାକୁ ଯାଉଛି, ହେଲେ କାହା ଭୁଲରୁ ଏତେ ବଡ଼ ଘଟଣା ଘଟିଲା ସେକଥା ସ୍ପଷ୍ଟ ହୋଇନି। ଏତେ ସଂଖ୍ୟକ ଯବାନଙ୍କୁ ଆକାଶ ପଥ ବଦଳରେ କାହିଁକି ସ୍ଥଳ ପଥରେ ପଠାଯାଇଥିଲା? ଯବାନମାନେ ଯାଉଥିବା ବେଳେ କେମିତି ଗୋଟିଏ କାର୍ କନଭୟ ନିକଟରେ ପହଞ୍ଚିଲା? କ'ଣ ଗୁଇନ୍ଦା ବିଭାଗ ହମଲା ସମ୍ପର୍କରେ ଆଗରୁ ସୂଚନା ପାଇ ନଥିଲା? ସ୍ଥାନୀୟ ପୁଲିସ୍ ଯବାନଙ୍କ କନଭୟ ଯିବା ରାସ୍ତାର ସୁରକ୍ଷା ଯାଞ୍ଚ କରିଥିଲା ତ? ଏମିତି ଅନେକ ପ୍ରଶ୍ନ ଏବେ ବି ଭାରତୀୟଙ୍କ ମନରେ ଉଙ୍କି ମାରୁଛି।

# ଆମେରିକା ଶୁଣିବ କୋରାପୁଟ ବୈଦ୍ୟର କଥା



ଭୁବନେଶ୍ୱର (ଭିଓଭି): ଯୁକ୍ତରାଷ୍ଟ୍ର ଆମେରିକା ଯିବେ କୋରାପୁଟର ବୈଦ୍ୟ ହରି ପାଙ୍ଗି। ଓ୍ୱାସିଂଟନ୍‌ରେ ଆୟୋଜିତ ଇଣ୍ଟରନ୍ୟାସନାଲ ଭିଜିଟର୍ସ ଲିଡରସିପ୍ କାର୍ଯ୍ୟକ୍ରମରେ ସେ ଯୋଗଦେବ। ପରିବେଶର ପରିବର୍ତ୍ତନ ଓ ଏହାର କାରଣ ଉପରେ ସେ ଅଭିଭାଷଣ ଦେବେ। ଆମେରିକା ସମେତ ପୂରା ବିଶ୍ୱ ଶୁଣିବ ବୈଦ୍ୟ ହରି ପାଙ୍ଗିଙ୍କ କଥା।

ସେମିଲିଗୁଡା ବ୍ଲକ୍ ତେନ୍ତୁଳିଗୁଡା ଗାଁର ହରି ପାଙ୍ଗି। ଅଷ୍ଟମ ପାଠ ପଢ଼ିଛନ୍ତି। ବାପାଙ୍କ ପେଶାକୁ ସେ ଆପଣାଇ ନେଇଛନ୍ତି। ଆଉ ସେ ପାଲଟି ଯାଇଛନ୍ତି ଜଣେ ପୋଖତ ବୈଦ୍ୟ। ନିଜ ଗାଁରେ ସେ ଖୋଲିଛନ୍ତି ଆୟୁର୍ବେଦିକ ଡାକ୍ତରଖାନା। ତାଙ୍କ ପାଖକୁ ଦୂରଦୂରାନ୍ତରୁ ଆସୁଛନ୍ତି ବହୁ ପୂରାତନ ରୋଗୀ। ମିଳିଥିବା ସୂଚନା ଅନୁସାରେ ବୈଦ୍ୟ ହରି ପାଙ୍ଗିଙ୍କ ପାଖକୁ ଚିକିତ୍ସା ପାଇଁ ଓଡ଼ିଶା ସମେତ ଛତିଶଗଡ଼, ଝାରଖଣ୍ଡ, ଆନ୍ଧ୍ରପ୍ରଦେଶ ପରି ରାଜ୍ୟରୁ ବହୁ ରୋଗୀ ଆସୁଛନ୍ତି। ରୋଗ ଦେଖି ପଥି ଦେଉଛନ୍ତି ହରି। ରୋଗ ଭଲ ହେଉଛି। ବୈଦ୍ୟ ହରି ପାଙ୍ଗି ଡଳିଆମ୍ବଠାରେ ଗୁପ୍ତେଶ୍ୱର ଚେରମୂଳି ଔଷଧ ଓ ପାରମ୍ପରିକ ବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଜଙ୍ଗଲରୁ ଚେରମୂଳି ସଂଗ୍ରହ କରି ପ୍ରୋସେସିଂ କରି ଔଷଧ ତିଆରି କରୁଛନ୍ତି। ହାର୍ଟ ଆଟାକ, ବ୍ଲଡ୍ ପ୍ରେସର, ସିକଲସେଲ୍ ସ୍ନାୟୁ ରୋଗ, ମହିଳାଙ୍କ ରକ୍ତସ୍ରାବ ସମସ୍ୟା, ଥାଇରଏଡ୍, କିଡନୀ ସମସ୍ୟା ଭଳି ୧୦୫ ପ୍ରକାର ରୋଗ ସେ ଔଷଧ ଦେଉଛନ୍ତି। ସେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଗୁଜରାଟରେ ଆୟୋଜିତ କର୍ମଶାଳାରେ ଯୋଗଦେଇଥିଲେ। କୋରାପୁଟ ଅଞ୍ଚଳରେ ଥିବା ଔଷଧୀୟ ବୃକ୍ଷ ଓ ଗୁଳ୍ମ ଲତା ଉପରେ ସେ କର୍ମଶାଳାରେ ତଥ୍ୟ ଉପସ୍ଥାପନ ରଖି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ବୈଦ୍ୟ ହରି ପାଙ୍ଗିଙ୍କ ଜୀବନ ଚର୍ଯ୍ୟା ସକାଳେ ଆରମ୍ଭ ହୋଇଥାଏ। ସେ ସକାଳୁ ଉଠି ଗାଧୋଇ ସୂର୍ଯ୍ୟପୂଜା କରି ନିଜ ଗାଁରେ ପାରମ୍ପରିକ ନିଶାଣି ମୁଣ୍ଡାରେ ମୁଣ୍ଡିଆଟିଏ ମାରି ହାତରେ ବ୍ୟାଗ ଧରି ଘଞ୍ଚ ଜଙ୍ଗଲକୁ ବାହାରି ଯାଆନ୍ତି। ଜଙ୍ଗଲରେ ଏ କୋଣରୁ ସେ କୋଣ ଘୂରି ବୁଲନ୍ତି। ଘଞ୍ଚ ଜଙ୍ଗଲରୁ ଚେରମୂଳି, କନ୍ଦ, ପତ୍ର, ଫୁଲ ଓ ଫଳ ସଂଗ୍ରହ କରନ୍ତି। ସେ ଆଜି ପର୍ଯ୍ୟନ୍ତ ୪୫୦ ପ୍ରକାର ଚେରମୂଳି ସଂଗ୍ରହ କରିଛନ୍ତି। ଆୟୁର୍ବେଦ ଔଷଧକୁ ନେଇ ଚର୍ଚ୍ଚାରେ ଥିବା ହରି ପାଙ୍ଗି ଏବେ ସମସ୍ତଙ୍କ ମୁହଁରେ। ସେ ମାର୍ଚ୍ଚ ମାସରେ ଆମେରିକା ଯିବେ। ଓ୍ୱାସିଂଟନ୍‌ରେ ଆୟୋଜିତ କର୍ମଶାଳାରେ ସେ ଯୋଗଦେବେ। ଆଉ ବିଶ୍ୱ ଦରବାର ଆଗରେ କୋରାପୁଟର ଆୟୁର୍ବେଦିକ ଔଷଧ ଓ ପରିବେଶ ସନ୍ତୁଳନ ଉପରେ ଭାଷଣ ଦେବେ। ସେଥିପାଇଁ ତାଙ୍କ ପାଖକୁ ପାସପୋର୍ଟ ଓ ଭିସା ଆସିଛି। ଏଥିପାଇଁ ସେ ବହୁତ ଉତ୍ସାହିତ ଅଛନ୍ତି।

ଭାଗ-୧ । ସଂଖ୍ୟା-୮ । ଭୁବନେଶ୍ୱର । ୮ରୁ୧୪ ଜାନୁଆରୀ ୨୦୨୪
Vol-1 | Issue-8 | Bhubaneswar | 8-14 January 2024

# DEPRESSION & ITS MANAGEMENT



**RANJIT PATTNAIK (MBEH)**
Electrohomoeopathic Practioner
BHUBANESWER

Depression is not a disease but a mental illness that becomes more fatal when kept untreated. Depression can occur to any person at any age depending on various factors. Often depression is treated as a sign of adamant weakness but it is not so. It's an illness characterised by the persistent sadness and a loss of interest in activities that you normally enjoy, accompanied by difficulty carrying out daily activities .People in depression often experiences several symptoms including lack of sleep or frequent sleepiness , diminished concentration in any work , eccentric thoughts and talks , feeling of worthlessness & unnecessary guilt , losing vision for career and future , deep change in appetite , aloneness , inability to take decisions and in major cases - people also think of attempting suicide and self harm as the only solution to various ongoing situations.

Depression can be treated by practicing some basic and lucid procedures in daily life. A depressed person should avoid being alone. A habit of talking to closed & trusted one can be awesome in relaxing & healing process .Depressed person must engage themselves regularly in certain activities they like. Physical and mental exercise plays a vital role in healing process too. Maintaining a timetable also helps a lot. Unnecessary stimulation towards alcohol and drugs should be strictly prohibited. In case of suicidal feeling, medical emergency and mental rehabilitation services must be contacted immediately.

Apart from all above - an inclination towards spiritualism can also create a vast difference in the lives of depressed people .Spiritualism never ever meant through rituals and methodology only, spiritualism is mostly a consent of mind . Depressed people must meditate for a while in a day . Reading spiritual books and journals can also eradicate the sense of worthlessness among depressant by enlightening their thinking and approach towards life. Joining various spiritual seminars and gatherings can create a new zeal of enthusiasm and vivaciousness among the depressants . Number of Scientific theories have depicted that various mantras ,their recitations and sounds can create miraculous effects on depressants mind .

Moreover depressed people should be taught to spend more time with nature including morning sun walk, visit to beaches , small trips to waterfall and forest , gardening & feeding animals and birds . Such activities will definitely rejuvenate their mind by activating a new hope to experience new beginnings of life.

Electro homeopathy has also played a titular role in diminishing the effect of depression in various people . It has various range of medicines to tackle every diverse of symptoms caused by depression. S1 WE / S10 YE are the medicines which have been acknowledged widely for giving best results in treatment of depression.

Last two years , we all have witnessed the deadly effects of covid viruses taking thousands of life and making lakhs of people getting depressed out of its fallacious fallouts .

Lastly depression is an illness that happens at mind and can also be vanquished by the power of mind itself. Regular meditation and spiritualism with active support from families and therapists at right moment can help many depressants from losing their lives through suicides and other fatal steps.

After all - Doctors can only treat but ultimately god heals every pain .

# ରୋଜଗାର ଦେଲା ରବର କ୍ଷୀର, ସୁରକ୍ଷାକୁ ନଜର ନାହିଁ





ନୟାଗଡ଼ (ଭିଓଭି): ରୋଜଗାର ଦେଲା ରବର ଗଛର କ୍ଷୀର । ସରକାର ରାଜସ୍ୱ ପାଇଲେ । ହେଲେ ରବର ଜଙ୍ଗଲ ସୁରକ୍ଷାକୁ ସରକାର ଦୃଷ୍ଟି ଦେଉନାହାନ୍ତି । ତେଣୁ ଏହି ଜଙ୍ଗଲ ଏବେ ଉଜୁଡ଼ି ଯିବାକୁ ବସିଛି । ଜଙ୍ଗଲରେ ଥିବା ଏହି ରବର ଗଛରୁ କ୍ଷୀର ସଂଗ୍ରହ କରି ପେଟ ପୋଷୁଛନ୍ତି ବହୁ ଶ୍ରମିକ । ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ଧାରୁଆ ଓ ସାମନ୍ତ ସିଂହାରପୁରରେ ଦେଖିବାକୁ ମିଳିଛି ଏହି ରବର କ୍ଷୀର ବ୍ୟବସାୟ । ହେଲେ ଏହି ରବର ଜଙ୍ଗଲ ସୁରକ୍ଷା ପ୍ରତି ସରକାରଙ୍କ ନଜର ନାହିଁ । ଯାହାକୁ ନେଇ ଶ୍ରମିକମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

ରାଜ୍ୟର ନୟାଗଡ ଜିଲ୍ଲାର ରଣପୁର ରେଞ୍ଜ ଓ ମୟୂରଭଞ୍ଜରେ ରବର ଚାଷ ହେଉଛି । ରଣପୁର ରେଞ୍ଜ ଧାନୀ ପାହାଡ଼ ପାଦ ଦେଶରେ ଓଡ଼ିଶା ଫରେଷ୍ଟ ଡିପାଟମେଣ୍ଟ କର୍ପୋରେସନ ତରଫରୁ ୬୪ ହେକ୍ଟର ଅଞ୍ଚଳରେ ୧୯୮୫ ମସିହା ଠାରୁ ୧୯୮୮ ମସିହା ଭିତେର ୨୮ ହଜାର ରବର ଗଛ ଲାଗିଥିଲା । ବିଭିନ୍ନ ସମୟରେ ହୋଇଥିବା ବାତ୍ୟାରେ ଏଠାରେ ବହୁ ରବର ଗଛ ନଷ୍ଟ ହୋଇଛି । ଏବେ ଏଠାରେ ପ୍ରାୟ ୬ ହଜାର ଗଛ ରହିଛି । ସେପଟେ ଏହି ରବର ଜଙ୍ଗଲକୁ ବନ ବିଭାଗ ଲିଜ୍ ଦେଇ ଦେଇଛି । ଜଙ୍ଗଲକୁ ଲିଜ୍ ନେଉଥିବା ବ୍ୟକ୍ତି ସ୍ଥାନୀୟ କିଛି ଶ୍ରମିକଙ୍କୁ ଲଗାଇ ଏଠାରେ ରବ ଉତ୍ପାଦନ କରୁଛନ୍ତି । ଅନ୍ଧାରୁଆ ଓ ସାମନ୍ତ ସିଂହାରପୁରର ଶ୍ରମିକମାନେ ରାତି ପ୍ରାୟ ୩ଟା ବେଳେ ଜଙ୍ଗଲକୁ କ୍ଷୀର ସଂଗ୍ରହ କରିବା ପାଇଁ ଯାଇଥାନ୍ତି । ମୁଣ୍ଡେର ଥାଏ ହେଡ୍ ଲାଇଟ । ରବର ଗଛ ଛାଲ ଭିତରେ ପତଳା ଗାତଟିଏ କରିବା ପାଇଁ ହାତରେ କିଛି ହତିଆର ସେମାନେ ନେଇଥାନ୍ତି । ସକାଳୁ ଫେରିବା ବେଳକୁ ସମସ୍ତଙ୍କ ହାତରେ ଥାଏ ଗୋଟାଏ ଲେଖାଏ କ୍ଷୀର ବାଲଟି । ଦିନ ପ୍ରାୟ ୧୦ଟା ସୁଦ୍ଧା ସେମାନେ ରବର ଉତ୍ପାଦନ କେନ୍ଦ୍ରରେ ପହଞ୍ଚି କ୍ଷୀରକୁ ଏକ ବଡ଼ କୁଣ୍ଡରେ ଢାଳି ସେଥିରେ ପାଣି ଏବଂ ଏସିଡ ମିଶାଇ ଦିଅନ୍ତି । ପରେ ଏହି ମିଶ୍ରଣକୁ ଟ୍ରେ'ରେ ଢାଳି ୨୪ ଘଣ୍ଟା ଖୋଲା ଛାଡ଼ି ଦିଅନ୍ତି । ଶୁଖି ଯିବା ପରେ ସେହି ରବରରୁ ମେସିନ ସାହାଯ୍ୟ ପାଣି ବାହାର କରାଯାଏ ଓ ବାମ୍ପ ଦିଆଯାଏ । ବାମ୍ପ ଦେବାର ୨୪ ଘଣ୍ଟା ପରେ ତାହାକୁ ବାହାର କରାଯାଇ ଖରାରେ ଶୁଖାଇ ଦିଆଯାଏ । ଏହା ଶୁଖିଯିବା ପରେ ବ୍ୟବହୃତ ରବରରେ ପରିଣତ ହୁଏ । ଯାହା କାରଖାନାକୁ କଞ୍ଚା ମାଲ ଭାବେ ପଠାଇ ଦିଆଯାଏ ।

ଏଠାରେ କାମ କରୁଥିବା ଶ୍ରମିକ ଗୌରାଙ୍ଗ ଚରଣ ପ୍ରଧାନ ଓ ଭରତ ଚନ୍ଦ୍ର ଜେନା କହିଛନ୍ତି, ଆଗରୁ ଏଠାରେ ଠିକାଦାର ଜରିଆରେ ୫୦ ଜଣ ଶ୍ରମିକ କାମ କରୁଥିଲେ । ଗଛ ସଂଖ୍ୟା କମି ଯାଇଥିବାରୁ ଏବେ ମାତ୍ର ୩୦ ଜଣ ଶ୍ରମିକ କାମ କରୁଛନ୍ତି । ସରକାର ରବର ଚାଷ ନେଇ ସାଧାରଣ ଲୋକଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଲେ ଖୁବ୍ ଭଲ ହୁଅନ୍ତା । ଲୋକେ ଉପକୃତ ହୁଏନ୍ତେ ଓ ଚାଷୀଙ୍କ ରୋଜଗାର ବଢ଼ି ପାରନ୍ତା ।

ରଣପୁର ରେଞ୍ଜ ଉପଖଣ୍ଡିୟ ଅଧିକାରୀ ଜିତେନ୍ଦ୍ର ନାରାୟଣ ଦାସ କହିଛନ୍ତି, ୨୮ ହଜାର ଗଛ ଲାଗିଥିଲେ ହେଁ ଏଥିରୁ ମାତ୍ର ୫ ହଜାର ୨୮୭ ଗଛ ବଞ୍ଚିଛି । ଏହି ରବର ଚାଷରୁ ସରକାର ରାଜସ୍ୱ ପାଉଛନ୍ତି । ରବର ଗଛ ଲାଗିଥିବା ଅଞ୍ଚଳକୁ ଲିଜ୍‌ରେ ଦିଆଯାଉଛି । କିଛି ଶ୍ରମିକ ଏହା ଦ୍ୱାରା ରୋଜଗାର ପାଉଛନ୍ତି । ଯୁବପିଢ଼ିମାନେ ରବର ଚାଷକୁ ଆପଣାଇ ପାରିଲେ ଭଲ ରୋଜଗାର କରିପାରିବେ ।

# ଅଜଣା ରୋଗରେ ପୁଅ, ଚିକିତ୍ସା ଚିନ୍ତାରେ ବାପା

**ମୋହନା (ଭିଓଭି):** ମୋହନା ବ୍ଲକ ଅନ୍ତର୍ଗତ ବଡସିନ୍ଧବା ପଞ୍ଚାୟତ ଅଧିନ ଖାରିଗୁମା ଗ୍ରାମର ରଞ୍ଜନ ମଳିକ। ବୟସ ମାତ୍ର ୯ ବର୍ଷ। ତାଙ୍କୁ ଯେତେବେଳେ ୫ବର୍ଷ ହୋଇଥିଲା ମା ଛାଡି ଚାଲିଗଲେ ଆରପାରିକୁ। ବହୁ କଷ୍ଟରେ ୫ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିଲେ। କିନ୍ତୁ ଅଚିହ୍ନା ରୋଗ ଯୋଗୁଁ ଅଧାରୁ ପାଠ ଛାଡ଼ିଦେଲେ। ବାପା କାମଦେବ ମଳିକ ଜଣେ ଦିନ ମଜୁରିଆ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ସତ୍ତ୍ୱେ ପୁଅକୁ ଆରୋଗ୍ୟ ଲାଭ କରିବା ପାଇଁ ପ୍ରଥମେ ଚେରମୂଳି (ଜଡିବୁଟି ) ଔଷଧ ଦେଲେ। ଭଲ ନହେବାରୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସା କଲେ। ତାଙ୍କର ସମସ୍ତ ପ୍ରକାର ପରୀକ୍ଷା ନିରୀକ୍ଷା କରାଗଲା। ୭ ଦିନ ରହିଲେ କିନ୍ତୁ ଡାକ୍ତର ରୋଗ ନିର୍ଣ୍ଣୟ କରିନପାରି ଘରକୁ ପଠାଇଦେଲେ।



ସେ ଏବେ ଗାଁରେ ରହୁଥିବା ନିଜ ପିଉସୀ ଗେଲି ମଳିକଙ୍କ ଘରେ ରହୁଛନ୍ତି। ରଞ୍ଜନ ଚାଲିବାକୁ ଅକ୍ଷମ।ତାଙ୍କର ୨ଟି ଗୋଡ ଅକାମୀ। ଯାହାଫଳରେ ଘରେ ଝାଡା, ପରିସ୍ରା କରୁଛନ୍ତି। ପିଉସୀ ନାନି ତାଙ୍କର ସମସ୍ତ ସେବା କରୁଛନ୍ତି। ପାଠ ପଢ଼ିବାକୁ ତାଙ୍କର ପ୍ରବଳ ଇଚ୍ଛାଶକ୍ତି ଅଛି। କିନ୍ତୁ ଦୂରାରୋଗରେ ପୀଡିତ ହେବା ଯୋଗୁ ସେ ପାଠପଢ଼ାରୁ ବଞ୍ଚିତ ଅଛନ୍ତି। ଯଦି ସରକାରୀ ସହାୟତା ମିଳନ୍ତା ତେବେ ପୁଅକୁ ନେଇ ଭଲ ମେଡିକାଲରେ ଚିକିତ୍ସା କରାଇ ଭଲ ହୁଅନ୍ତା ବୋଲି ବାପା ଆଶା ବାନ୍ଧିଛନ୍ତି। ତାଙ୍କର ୪ଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଅପରପକ୍ଷେ କାମଦେବଙ୍କୁ ଦୀର୍ଘବର୍ଷ ତଳେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଅଧପନ୍ତରିଆ ହୋଇ ପଡି ରହିଛି। ପୁଅର ରୋଗ ସାଙ୍ଗକୁ ଘରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଘର ସଂପୂର୍ଣ୍ଣ କରିପାରି ନଥିବା କହିଛନ୍ତି।

ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମୋହନା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ବାଳ ବିକାଶ ସଂସ୍ଥାର ଫାର୍ମାଶିଷ୍ଟ ରଞ୍ଜନ କୁମାର ପୃଷ୍ଟି ଓ ଏଏନଏମ ବିଜୟଲକ୍ଷ୍ମୀ ଭୂୟାଁ ପୀଡିତଙ୍କ ଘରେ ପହଞ୍ଚି ରଞ୍ଜନ ଚିକିତ୍ସିତ ହୋଇଥିବା ଚନ୍ଦ୍ରଗିରି ସ୍ୱାସ୍ଥ୍ୟ କେନ୍ଦ୍ର ଓ ବ୍ରହ୍ମପୁର ବଡ ମେଡିକାଲର ଔଷଧିୟ କାଗଜପତ୍ର ଦେଖିଥିଲେ। ଅଧିକା ଚିକିତ୍ସା ପାଇଁ ରଞ୍ଜନକୁ ସାଥିରେ ନେଇ ପାରଳାଖେମୁଣ୍ଡି ସ୍ୱାସ୍ୟ କେନ୍ଦ୍ରକୁ ନେଇଥିଲେ।ସେଠାରେ ତାର ସମସ୍ତ ପରୀକ୍ଷା ନିରୀକ୍ଷା କରାଯାଇ ଔଷଧ ଦିଆଯିବା ପରେ କିଛି ଦିନ ରହିବେ। ଆବଶ୍ୟକ ପଡିଲେ ଅଧିକା ଚିକିତ୍ସା ପାଇଁ ବାହାରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜଣାପଡିଛି। ଜିଲ୍ଲାପାଳଙ୍କ ଏଭଳି ମହାନତା ଓ ସମାଜ ଖବର କାଗଜକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ପୋତି ହୋଇଗଲା ଲୁଣା ହ୍ରଦ, ମତ୍ସ୍ୟଜୀବୀଙ୍କ ମୁଣ୍ଡରେ ଚଡ଼କ

ଚିକିଟି (ଭିଓଭି): ପାରମ୍ପାରିକ କୌଳିକ ବ୍ୟବସାୟକୁ ପୁନର୍ଜୀବିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରିଥିବା ବେଳେ ଚିକିଟି ବ୍ଲକର ପ୍ରାୟ ଦୁଇ ହଜାରରୁ ଅଧିକ ମତ୍ସ୍ୟଜୀବୀ ସରକାରଙ୍କର ଦୃଷ୍ଟି ଆଢୁଆଳରେ ରହି ଜୀବିକା ହରାଇଥିବା ଅଭିଯୋଗ ହୋଇଛି । କୌଳିକ ବୃତ୍ତି ହରାଇ ଏବେ ଦାଦନ ଖଟିବାକୁ ବାହାରକୁ ଯିବାକୁ ବାଧ ହୋଇଛନ୍ତି । ଏପରି ଏକ କୈବର୍ତ୍ତ ଗ୍ରାମ ହେଉଛି ଗଞ୍ଜାମ ଜିଲା ଚିକିଟି ବ୍ଲକର ଆର ସୁମାଣ୍ଡି ଗ୍ରାମ ପଞ୍ଚାୟତର କେଉଟ ସୁମାଣ୍ଡି ଗ୍ରାମ। ଏହି ଗ୍ରାମରେ ପ୍ରାୟ ୧୮ ଶହ କୈବର୍ତ୍ତ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ପ୍ରାୟ ସାଢେ ଚାରି ହଜାରରୁ ଅଧିକ । ଏହି କୈବର୍ତ୍ତ ପରିବାରର କୌଳିକ ବ୍ୟବସାୟ ହେଉଛି ମାଛ ମାରିବା । ଏହି ଗ୍ରାମ ନିକଟରେ ପ୍ରାୟ ଦୁଇ ହଜାର ଏକର ପରିମିତ ଏକ ଲୁଣା ହ୍ରଦ ଅଛି, ଏହି ହ୍ରଦ ସହ ସମୁଦ୍ର ମୁହଁକୁ ଏକ ବଡ଼ ନାଳ ସଂଯୋଗ ହୋଇଛି । ଏହି ନାଳ ଦେଇ ସମୁଦ୍ରର ଲୁଣା ଚିଙ୍ଗୁଡ଼ି, ମେଜି, କଣ୍ଟିଆ, ଖଇଂଗା ଭଳି



ମାଛ ଏହି ହ୍ରଦକୁ ଆସିଥାନ୍ତି । ଏଠାକାର କୈବର୍ତ୍ତ ମାନେ ଏହି ଲୁଣା ହ୍ରଦରୁ ମାଛ ମାରି ଜୀବନ ଜୀବିକା ନିର୍ବାହ କରିଥାଆନ୍ତି । କିନ୍ତୁ ଏବେ ଏହି କୈବର୍ତ୍ତ ମାନଙ୍କ ଜୀବନ ଜୀବିକା ଲୋପ ପାଇଯାଇଛି । କୌଳିକ ବ୍ୟବସାୟବୃତ୍ତି ବୁଡିଯିବାରୁ ଏବେ ଗ୍ରାମର ପ୍ରାୟ ନବେ ପ୍ରତିଶତ ପରିବାର ପରିବାର ପ୍ରତିପୋଷଣ ପାଇଁ ବାହାରକୁ ଚାଲିଯାଇଛନ୍ତି । ଆଉ ଯେଉଁ ପରିବାର ଗାଁରେ ଅଛନ୍ତି କର୍ମକୁ ଆଦରି ମୁଣ୍ଡରେ ହାତମାରି ବସିଛନ୍ତି । ସଦାସର୍ବଦା ଜନ ଗହଳି କୋଳାହଳ କରୁଥିବା ଏହି କେ . ସୁବାଣିଗ୍ରାମ ଏବେ ଶୂନଶାନ ପାଲଟିଛି। ବୃତ୍ତି ହରାଇବା ପରେ ଏବେ କିଛି ବର୍ଷ ହେଲା ନିରବ ନିଶ୍ଚଳ ହୋଇପଡିଛନ୍ତି ଏଠାକାର ମତ୍ସ୍ୟଜୀବୀ ।

ଅନୁସନ୍ଧାନରୁ ଜଣାପଡିଛି ଯେ ଆଗରୁ ଏହି ହ୍ରଦ ଅତ୍ୟନ୍ତ ଗଭୀର ଥିଲା । ଏହି ଅଞ୍ଚଳରେ ଯେତେବେଳେ ଲୁଣ ମରାଯାଉଥିଲା ସେତେବେଳେ ମୁହାଁଣକୁ ସଂଯୋଗ କରୁଥିବା ନାଳକୁ ଖୋଳା ଯାଉଥିଲା । ଯଦ୍ୱାରା ସମୁଦ୍ର ପାଣି ଅନାୟାସରେ ହ୍ରଦକୁ ପ୍ରବେଶ କରୁଥିଲା ଓ ସେଥିରେ ମାଛମାରି ଲୋକେ ଚଳୁଥିଲେ । ଏବେ ପ୍ରାୟ ୩୦ ବର୍ଷ ହେବ ମୁହଁ ନାଳ ଆଉ ଖୋଳା ଯାଇନି ଯାହା ଫଳରେ ହ୍ରହ ସାଙ୍ଗକୁ ନାଳରେ ବାଲି ଚରିଯାଇ ପୋତି ହୋଇଯାଇଛି । ଆଉ ଜମି ରହୁନି ଲୁଣା ପାଣି କି ଆସୁନି ସମୁଦ୍ର ଲୁଣା ପାଣି । ଫଳରେ ଏହି ହ୍ରଦରେ ମାଛ ନାହାନ୍ତି । ଯାହା ଫଳରେ ବୁଡିଗଲା କେଉଟ ମାନଙ୍କ କୁଳ ବେଉସା, ଆର୍ଥିକ ସଂକଟ ଯୋଗୁଁ ପେଟ ପୋଷିବା ପାଇଁ ବାହାରକୁ ଚାଲିଯାଇଛନ୍ତି ।

ମିଳିଥିବା ସୂଚନା ପ୍ରକାରେ ଗ୍ରାମରେ ୧୮୦୦ ପରିବାର ମଧ୍ୟରୁ ୯୭୦ ପରିବାର ଏବେ ବାହାରକୁ ଦାଦନ ଖଟିବାକୁ ଚାଲିଯାଇଛନ୍ତି । ଏନେଇ ସୁମଣ୍ଡି କୈବର୍ତ୍ତ ସମାଜ ଓ ଗ୍ରାମ ପଞ୍ଚାୟତ ସରପଞ୍ଚ ଜୀବନଣ୍ଡା ରେଡ୍ଡୀଙ୍କ ତରଫରୁ ବହୁବାର ନାଳ ଖନନ ଓ ହ୍ରଦର ପୁନଃରୁଦ୍ଧାର ପାଇଁ ଅଭିଯୋଗ ହୋଇଛି । ଏଣେ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଉଷାଦେବୀ ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ଜଳ ସମ୍ପଦ ବିଭାଗକୁ ପୁନଃରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏନେଇ କୋଣସି ପଦକ୍ଷେପ ନ ନିଆଯାଉଥିବାରୁ ଲୋକେ ଗାଁ ଛାଡୁଛନ୍ତି । ଏଣୁ ଏହି ହ୍ରଦ ସହ ମୁହାଁଣକୁ ସଂଯୋଗ କରୁଥିବା ନାଳ ଖନନ ପୂର୍ବକ ପୁନଃରୁଦ୍ଧାର କରିବା ପାଇଁ ଦାବି କରିଛନ୍ତି ।

# ୪ ଭାଇ ଓ ଭଉଣୀଙ୍କ ମା' ସାଜିଛି ଲକ୍ଷ୍ମୀ

ମାଲକାନଗିରି (ଭିଓଭି): ସପ୍ତମ ଶ୍ରେଣୀରେ ପଢୁଥିଲେ। ପରିବାର ଓ ସଂସାର କ'ଣ ଜାଣିନଥିଲେ। ଏବେ ମାଆ ରୂପ ନେଇଛନ୍ତି। ୪ ଭାଇ ଓ ଭଉଣୀଙ୍କ ଅଳି ଅର୍ଦ୍ଦଳି ବୁଝୁଛନ୍ତି। ଠିକ ମାଆ ଭଳି ସେମାନଙ୍କ ଲାଳନ ପାଳନ କରୁଛନ୍ତି। ସେମାନଙ୍କ ମୁହଁରେ ଦାନା ଯୋଗାଇ ଦେଉଛନ୍ତି। ଆଉ ନିଷ୍ଠୁର ଏ ଦୈବକୁ ପ୍ରଶ୍ନ ପଚାରୁଛନ୍ତି, ମୋର ଭୁଲ ରହିଲା କେଉଁଠି ? ମୋଠାରୁ କାହିଁକି ଛଡ଼ାଇନେଲ ମୋ' ଶୈଶବ ? କେବେ ଦୂର ହେବ ମୋର ଦୁଃଖ ? ମୁଁ କେବେ ସ୍କୁଲ୍‌କୁ ଫେରିବି ?

ମାଲକାନଗିରି ଜିଲ୍ଲା ନିଲିଗୁଡା ପଞ୍ଚାୟତ ଧରମପାଲ୍ଲୀ ଗାଁର ଶୁକ୍ରା ମାଡ଼ି। ପରିବାର କହିଲେ ପତ୍ନୀ ମୁକେ ଓ ୬ ପୁଅ ଝିଅ। କାମଦାମ କରି ଚଳୁଥିଲେ ଶୁକ୍ରା। ନିଜ ରୋଜଗାରରୁ ଯାହା ସଞ୍ଚୟ



କରି ରଖିଥିଲେ, ସେଥିରେ ଦୁଇ ବଡ଼ ଝିଅଙ୍କ ବାହାଘର କରାଇ ଦେଇଥିଲେ। ଦୁଇ ଝିଅ ବାହା ହୋଇ ଶାଶୂ ଘରକୁ ଚାଲିଥିବା ପରେ ୪ ପୁଅ ଓ ଝିଅଙ୍କୁ ନେଇ ଦୁଃଖେ ଶୁଖେ ରହୁଥିଲେ ଶୁକ୍ରା। ହେଲେ ତାଙ୍କର ଏ ଖୁସି ଦେଖିପାରିଲା ନାହିଁ ଦୈବ। ଅବେଳରେ ତାଙ୍କୁ ନେଇ ଗଲା। ତାଙ୍କ ପଛେ ପଛେ ପତ୍ନୀ ମୁକେ ମଧ୍ୟ ଅଫେରା ରାଇଜକୁ ଚାଲିଗଲେ।

ଦୁଇ ବର୍ଷ ତଳେ ଶୁକ୍ରା ଓ ମୁକେ ଆଗପଛ ହୋଇ ଚାଲିଗଲେ। ବାହା ହୋଇଥିବା ଦୁଇ ଭଉଣୀ ଧରା ଛୁଆଁ ଦେଲେନାହିଁ। ସେମାନେ ବା କ'ଣ କରିବେ ? ଅଭାବୀ ତେଲ ଲୁଣର ସଂସାର ଭିତରେ ସେମାନେ ମଧ୍ୟ ଘାଣ୍ଟି ହେଉଛନ୍ତି। ଏପରି ସ୍ଥିତି ୪ ଭାଇ ଓ ଭଉଣୀଙ୍କୁ କେମିତି ପୋଷିବେ ? ଯେଉଁଥିପାଇଁ ୩ ପିଲାଙ୍କ ବୋଝ ପଡ଼ିଲା ୧୩ ବର୍ଷର ଲକ୍ଷ୍ମୀ ମାଡିଙ୍କ ଉପରେ। କତାମାଟେରୁ ଆଶ୍ରମ ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ଲକ୍ଷ୍ମୀ ଘରକୁ ପଳାଇ ଆସିଥିଲେ। ବାପା-ମାଆଙ୍କ ପରି ୪ ପିଲାଙ୍କ ଲାଳନ ପାଳନ କରିବାରେ ଲାଗି ପଡ଼ିଲେ।

ରୋଗ ଯନ୍ତ୍ରଣାରେ ଘାଣ୍ଟି ହେଉଥିବା ଦିବ୍ୟାଙ୍ଗ ତାନା କ୍ରିଷ୍ଣା ମାଡି( ୯ ବର୍ଷ)ଙ୍କ ସେବା କରିବାରେ ଲାଗି ପଡ଼ିଛନ୍ତି। ତା'ସହ ୬ ବର୍ଷୀୟ ଦୀପ୍ତି ମାଡି ଓ ୫ ବର୍ଷୀୟ ରାମକୃଷ୍ଣ ମାଡିଙ୍କ ମୁହଁରେ ଦାନା ଦେଉଛନ୍ତି। ବାପାମାଆ ଆରପାରିକୁ ଚାଲିଯିବା ପରେ ଗାଁର ଜଣେ ବଦାନ୍ୟ ବ୍ୟକ୍ତି ଇରମା ମାଡକାମି ପିଲାଙ୍କ ମାମୁର ପରିଚୟ ଦେଇ ସହଯୋଗ କରୁଛନ୍ତି।

## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

CONTACT
6371417361 voiceofvictimsnews@gmail.com
www.voiceofvictims.co.in
Follow / Like / Subscribe :
Voice Of Victims News

ଭାଗ-୧ । ସଂଖ୍ୟା-୮ । ଭୁବନେଶ୍ୱର । ୮ରୁ୧୪ ଜାନୁଆରୀ ୨୦୨୪
Vol-1 | Issue-8 | Bhubaneswar | 8-14 January 2024



# ଶକ୍ତିପୀଠ ନୈନା ଦେବୀ ମନ୍ଦିର



ସନାତନ ଶାସ୍ତ୍ରରେ ମା'ଙ୍କର ମହିମା ଓ ଗୁଣଗାନ ନିହିତ ଅଛି । ତାଙ୍କର ଲୀଳା ଅପାର । ସମସ୍ତ ଭକ୍ତଙ୍କୁ ମା' ଦୟା ଦୃଷ୍ଟିରେ ଦେଖୁଥିବାବେଳେ ଧର୍ମ ଶାସ୍ତ୍ରରେ ନିହିତ ରହିଛି ଯେ, ଯେତେବେଳେ କୌଣସି ଭକ୍ତ ଉପରେ ସମସ୍ୟା ପଡ଼ିଥାଏ ତେବେ ମା' ଭକ୍ତଙ୍କୁ ସଂକଟରୁ ରକ୍ଷା କରନ୍ତି । ନବରାତ୍ରିର ନଅ ଦିନରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ଦେଶରେ ୧୨ଟି ଶକ୍ତିପୀଠ ରହିଥିବାବେଳେ ଏହି ଶକ୍ତିପୀଠ ମଧ୍ୟରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି । ତା' ମଧ୍ୟରୁ ନୈନା ଦେବୀ ଶକ୍ତିପୀଠ ଅନ୍ୟତମ । ମାନ୍ୟତା ଅନୁସାରେ, ଆଦିଶକ୍ତି ମା' ସତୀଙ୍କ ଚକ୍ଷୁ ଏଠାରେ ପଡ଼ିଥିଲା । ଭଗବାନ ଶିବ ଓ ଆଦିଶକ୍ତି ମା' ସତୀଙ୍କ ସହ ଜଡ଼ିତ । ଧାର୍ମିକ ମାନ୍ୟତା ଅନୁସାରେ, ଦୈବିକ କାଳରେ ମା' ସତୀ ଅଗ୍ନିକୁଣ୍ଡରେ ପ୍ରାଣାହୁତି ଦେବାକୁ ଉଦ୍ୟମ କରିଥିଲେ ।

ପୌରାଣିକ କଥା ଅନୁସାରେ, ମା' ସତୀ ଏବଂ ଭଗବାନ ଶିବଙ୍କ ବିବାହରେ ପ୍ରଜାପତି ଦକ୍ଷ ପ୍ରସନ୍ନ ନଥିଲେ । କାଳାନ୍ତରରେ ଥରେ ପ୍ରଜାପତି ଦକ୍ଷ ମହାଯଜ୍ଞର ଆୟୋଜନ କରିଥିଲେ । ଏହି ଆୟୋଜନରେ ପ୍ରଜାପତି ଦକ୍ଷ ଭଗବାନ ଶିବ ଓ ପୁତ୍ରୀ ସତୀଙ୍କୁ ଆମନ୍ତ୍ରିତ କରି ନଥିଲେ । ଏହି ସମୟରେ ମା' ସତୀ ପିତାଙ୍କ ଯଜ୍ଞକୁ ଯିବାର ଇଚ୍ଛା ଭଗବାନ ଶିବଙ୍କୁ ଜଣାଇଥିଲେ । ଏଥିସହ ଅନୁମତି ମଧ୍ୟ ମାଗିଥିଲେ । ସେସମୟରେ ଭଗବାନ ଶିବ ମା' ସତୀଙ୍କୁ କହିଥିଲେ ଯେ, ବିନା ଆମନ୍ତ୍ରଣରେ କାହା ଘରକୁ ଯିବା ଅନୁଚିତ୍ । ମା' ସତୀ ନମାନିବାରୁ ଭଗବାନ ଶିବ ତାଙ୍କୁ ସେଠାକୁ ଯିବାକୁ ଅନୁମତି ଦେଇଥିଲେ । ମା' ସତୀ ନିଜ ପିତାଙ୍କ ଯଜ୍ଞରେ ସାମିଲ୍ ହେବାକୁ ପହଞ୍ଚିବା ମାତ୍ରେ ସେଠାରେ ଭଗବାନ ଶିବଙ୍କ ପ୍ରତି କଟୁ ଏବଂ ଅପମାନଜନକ ଶବ୍ଦ ଶୁଣି ମା' ସତୀ ଖୁବ୍ କୁଣ୍ଠିତ ମନେକରିଥିଲେ । ଏହି ସମୟରେ ମା' ସତୀ ପିତାଙ୍କ ଦ୍ୱାରା ଆୟୋଜିତ ଯଜ୍ଞକୁଣ୍ଡରେ ଝାସ ଦେଇଥିଲେ । ଏହା ପରେ ଶିବ କ୍ରୋଧିତ ହେବା ସହ ମାତା ସତୀଙ୍କୁ କାନ୍ଧରେ ଧରି ତାଣ୍ଡବ କରିବାକୁ ଲାଗିଲେ । ଏହାଦ୍ୱାରା ତ୍ରିଲୋକରେ ହାହାକାର ସୃଷ୍ଟି ହେଲା । ଏହି ସମୟରେ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ଦ୍ୱାରା ମା' ସତୀଙ୍କ ଶରୀରକୁ ୫୧ ଖଣ୍ଡ କରିଦେଲେ । ଏହିସବୁ ଅଙ୍ଗ ଭୂପୃଷ୍ଠରେ ପଡ଼ିଗଲା । ଏହିସବୁ ସ୍ଥଳକୁ ଶକ୍ତିପୀଠ କୁହାଯାଉଛି ।

ହିମାଚଳ ପ୍ରଦେଶ ନିଜ ପ୍ରାକୃତିକ ଦୃଶ୍ୟରାଜି ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ । ଏହା ଦେବ ସ୍ଥଳ ଭାବେ ଜଣାଶୁଣା । ହିମାଚଳ ପ୍ରଦେଶ ସ୍ଥିତ ବିଳାସପୁର ଜିଲ୍ଲାରେ ନୈନା ଦେବୀ ମନ୍ଦିର ଅବସ୍ଥିତ । ସମୁଦ୍ର ତଟରୁ ଏହାର ଉଚ୍ଚତା ୧୧ଶହ ମିଟର । ଏହି ମନ୍ଦିର ଜାତୀୟ ରାଜପଥ-୨୧ ସହ ଜଡ଼ିତ । ଫଳରେ ଶ୍ରଦ୍ଧାଳୁ ସହଜରେ ସଡ଼କ ମାର୍ଗରେ ନୈନା ମନ୍ଦିରରେ ପହଞ୍ଚିଯାଇପାରନ୍ତି । ମନ୍ଦିର ପରିସର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଲକ୍ଷ୍ମଣ ଝୁଲାର ବ୍ୟବସ୍ଥା ରହିଛି । ମନ୍ଦିର ପରିସରରେ ଥିବା ଏକ ଅଶ୍ୱତ୍ଥ ବୃକ୍ଷ ବିଷୟରେ କୁହାଯାଇଛି ଯେ, ଏହାର ବୟସ ବହୁ ଶତାବ୍ଦୀ । ନୈନା ମନ୍ଦିରର ଗର୍ଭ ଗୃହରେ ମା' ନୈନା, ମା' କାଳୀ ଏବଂ ଭଗବାନ ଗଣେଶଙ୍କ ପ୍ରତିମା ସ୍ଥାପନା କରାଯାଇଛି । ସେହିଭଳି ମୁଖ୍ୟଦ୍ୱାରରେ ହନୁମାନଙ୍କ ପ୍ରତିମା ଅବସ୍ଥିତ । ମନ୍ଦିର ପରିସରରେ ଏକ ପବିତ୍ର ଜଳାଶୟ ରହିଥିବାବେଳେ ନୈନା ଦେବୀଙ୍କ ଗୁମ୍ଫା ରହିଛି ।

# ଘର କାମ କରି ବୟସ୍କ ସୁଧାରିବେ ସ୍ୱାସ୍ଥ୍ୟ

**ଶାରୀରିକ ଭାବେ ସକ୍ରିୟ ରହିବାର କେତେକ ଉପାଦେୟତା କୁହାଯାଉଛି । ଏହି ଲାଭ କେବଳ କାମ କିମ୍ବା ଶ୍ରମ କରିବା ଉପରେ ନିର୍ଭରଶୀଳ । ଏକ ନୂଆ ଅଧ୍ୟୟନରେ କୁହାଯାଇଛି ଯେ, ବୟସ୍କମାନେ ଯଦି ଘର କାମ କରିବେ ତାହେଲେ ସେମାନଙ୍କର ସ୍ମରଣଶକ୍ତି ପ୍ରଖର ହେବା ସହ ଧ୍ୟାନ ଶକ୍ତି ମଧ୍ୟ ବଢ଼ିଯାଏ । ଏଥିସହ ଗୋଡ଼ ମଜଭୁତ ହେଉଥିବାବେଳେ ତଳେ ପଡ଼ିଯିବାର ଭୟ କମିଯାଏ । ଅର୍ଥାତ୍ ଏହା ମଧ୍ୟ ଏକପ୍ରକାର ସୁରକ୍ଷା କବଚ । ଏପରି ତଥ୍ୟ 'ବିଏମ୍‌ଜେ ଓପନ୍' ଜର୍ଣ୍ଣାଲ୍‌ରେ ପ୍ରକାଶିତ ହୋଇଛି । ନିୟମିତ ଭାବେ ସକ୍ରିୟ ରହିବା ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । କିନ୍ତୁ ଗବେଷକ ଏହି ଅଧ୍ୟୟନରେ ଜାଣିବାକୁ ଚେଷ୍ଟା କରିଛନ୍ତି ଯେ, କେବଳ ଘର କାମ କରିବା ଦ୍ୱାରା ବାର୍ଦ୍ଧକ୍ୟ ସୁସ୍ଥ ହୋଇପାରିବ ଏବଂ ଶାରୀରିକ ଓ ମାନସିକ କ୍ଷମତା ବଢ଼ିପାରିବ କି ନାହିଁ ।**

ଅଧ୍ୟୟନ କିପରି ହୋଇଥିଲା: ଏହି ଅଧ୍ୟୟନ ପାଇଁ ସିଙ୍ଗାପୁରରେ ସ୍ୱତନ୍ତ୍ର ଭାବେ ରହୁଥିବା ୪୮୯ ଲୋକଙ୍କୁ ଚୟନ କରାଯାଇଥିଲା, ଯେଉଁମାନଙ୍କର ବୟସ ଥିଲା ୨୧ରୁ ୯୦ ବର୍ଷ । ସେମାନଙ୍କ ମଧ୍ୟରୁ କାହାର ସଂଜ୍ଞାନାତ୍ମକ ସମସ୍ୟା ନଥିବାବେଳେ ଦୈନିକ କାର୍ଯ୍ୟ ନିଜେ କରିବାରେ ସକ୍ଷମ ଥିଲେ । ଏହି ଗବେଷଣା ପାଇଁ ଦୁଇ ବୟସ ବର୍ଗରେ ବଣ୍ଟନ କରାଯାଇଥିଲା । ୨୧ରୁ ୬୪ ବର୍ଷ (୨୪୯ ଲୋକ, ହାରାହାରି ବୟସ ୪୪) ବୟସ୍କଙ୍କୁ ଯୁବକ ଓ ୬୫-୯୦ ବର୍ଷ (୨୪୦ ଲୋକ, ହାରାହାରି ବୟସ ୭୫) ଲୋକଙ୍କୁ ବୟସ୍କ ଶ୍ରେଣୀରେ ରଖାଯାଇଥିଲା । କପଡ଼ା ଧୋଇବା, କପଡ଼ା ଶୁଖାଇବା, ଘର ଝାଡୁ, ଡ୍ରେସ୍ ଆଇରନ୍ ଓ ରୋଷେଇ ଆଦିକୁ ହାଲ୍‌କା ଘର କାମ ଭାବେ ଗ୍ରହଣ କରାଯାଇଥିଲା । ସେହିଭଳି ଝରକା ସଫେଇ, ଚାଦର ବଦଳାଇବା, ଚଟାଣ ସଫା ଓ ଘରର ସାଜସଜ୍ଜା ଆଦିକୁ କଠିନ ଘର କାମରେ ଅନ୍ତର୍ଭୁକ୍ତ କରାଯାଇଛି ।


ଅଧ୍ୟୟନରୁ ପ୍ରମାଣିତ ହୋଇଥିଲା ଯେ, ଘର କାର୍ଯ୍ୟର ତୀବ୍ରତା ମେଟାବଲିକ୍ ଇକ୍ୱିଭାଲେଣ୍ଟ ଟାସ୍କ (ଏମ୍‌ଇଟି) ଦ୍ୱାରା ମପାଯାଇଥିଲା । ଏହା ହେଉଛି ଶାରୀରିକ ଶ୍ରମ କରିବାରେ ମିନିଟ୍ ପ୍ରତି ଖର୍ଚ୍ଚ ହେଉଥିବା କ୍ୟାଲୋରୀ । ସାମାନ୍ୟ ଘର କାମ ପାଇଁ ଏହା ୨.୫ ଏବଂ କଠିନ ଘର କାମ ପାଇଁ ୪ ମାନକ ହିସାବରେ ଗ୍ରହଣ କରାଯାଏ । ଏହି ମାନକ ଉପରେ ଯୁବ ବର୍ଗରେ ୩୬ ପ୍ରତିଶତ (୯୦) ତଥା ବୟସ୍କଙ୍କ ମଧ୍ୟରେ ୪୮ ପ୍ରତିଶତ (୧୧୬) ଲୋକଙ୍କୁ ସାମୟିକ ଶାରୀରିକ କାର୍ଯ୍ୟ କରିବା ମାନକ ଭାବେ ଗ୍ରହଣୀୟ । ଯୁବଗୋଷ୍ଠୀଙ୍କ ମଧ୍ୟରେ ୬୧ ପ୍ରତିଶତ (୧୫୨) ଓ ବୟସ୍କ ୬୬ ପ୍ରତିଶତ (୧୫୯) ଲୋକ କେବଳ ଘର କାମ ମାଧ୍ୟମରେ ଲକ୍ଷ୍ୟ ହାସଲ କରିପାରିବେ ।



ସାମାନ୍ୟ ଓ କଠିନ ଘର କାମ କରୁଥିବା ଲୋକଙ୍କୁ ଉଭୟ ବର୍ଗର ସଂଜ୍ଞାନାତ୍ମକ ସ୍କୋର୍ ଘର କାମ କରୁ ନଥିବା ଲୋକଙ୍କ ତୁଳନାରେ କ୍ରମଶଃ ୮ ଓ ୫ ପ୍ରତିଶତ ଅଧିକ ଥିଲା । କଠିନ ଓ ହାଲ୍‌କା ଘର କାମ କରୁଥିବା ଲୋକଙ୍କ ଧ୍ୟାନ ଶକ୍ତି କ୍ରମଶଃ ୧୪ ଓ ୧୨ ପ୍ରତିଶତ ଅଧିକ ରହିଥିଲା । ସଂକ୍ଷିପ୍ତ ଓ ବିଳମ୍ବିତ ସ୍ମରଣ ଶକ୍ତିର ସ୍କୋର ମଧ୍ୟ କ୍ରମଶଃ ୧୨ ଏବଂ ୮ ପ୍ରତିଶତ ଅଧିକ । ସେହିଭଳି ଚୌକିରେ ବସାଉଠା କରିବାର ଗତି ଏବଂ ସନ୍ତୁଳନ ମଧ୍ୟ କ୍ରମଶଃ ୮ ତଥା ୨୩ ପ୍ରତିଶତ ଅଧିକ ଥିଲା । ଅନ୍ୟପକ୍ଷେ ଯୁବ ବର୍ଗଙ୍କ ଶିକ୍ଷା ବୟସ୍କଙ୍କ ତୁଳନାରେ ହାରାହାରି ପାଞ୍ଚ ବର୍ଷ ଅଧିକ ଥିଲା, ଏଥିପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ମାନସିକ ସୁସ୍ଥତା ଅଧିକ ରହିବା ସହ ସଂଜ୍ଞାନାତ୍ମକ ହ୍ରାସ କମ୍ ଦେଖାଯାଇଥିଲା ।

# ଚାକିରି ବଦଳରେ ଜମି ଦୁର୍ନୀତି ମାମଲା: ଚାର୍ଜସିଟ୍‌ରେ ଲାଲୁଙ୍କ ଆଉ ଜଣେ ଝିଅର ନାଁ

ନୂଆଦିଲ୍ଲୀ: ବହୁ ଚର୍ଚ୍ଚିତ ଚାକିରି ପାଇଁ ଜମି ଦୁର୍ନୀତି ମାମଲାରେ ଲାଲୁଙ୍କ ଅଡୁଆ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଉ ଏକ ନୂଆ ଚାର୍ଜସିଟ୍ ଦାଖଲ କରିଛି। ଏହି ଚାର୍ଜସିଟ୍‌ରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରି ଦେବୀ, ତାଙ୍କ ଝିଅ ମିସା ଭାରତୀ, ହୃଦୟାନନ୍ଦ ଚୌଧୁରୀ ସମେତ ଅମିତ କାଟିଆଲଙ୍କ ନାଁକୁ ଇଡି ସାମିଲ କିରଛି।



ଏମାନଙ୍କ ବ୍ୟତୀତ ଇଡି ଲାଲୁଙ୍କ ଆଉ ଜଣେ ଝିଅ ହେମା ଯାଦବଙ୍କ ନାଁକୁ ମଧ୍ୟ ଏହି ମାମଲାର ଚାର୍ଜସିଟ୍‌ରେ ଯୋଡିଛି। ଦିଲ୍ଲୀର ରାଉଜ ଏଭେନ୍ୟୁ କୋର୍ଟରେ ଇଡି ଏହି ଚାର୍ଜସିଟ୍ ଦାଖଲ କରିଛି। କେବଳ ସେତିକି ନୁହେଁ ଏହି ମାମଲାରେ ଦୁଇଟି କମ୍ପାନୀକୁ ଇଡି ଅଭିଯୁକ୍ତ ଦର୍ଶାଇଛି। ଏହି ଚାର୍ଜସିଟ୍‌ର ଇ-କପିକୁ ମଧ୍ୟ ଦାଖଲ କରିବାକୁ ଇଡିକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁଆରୀ ୧୬ ତାରିଖରେ ଏହି ମାମଲାର ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, ଇଡି ଏହି ମାମଲାରେ ଅମିତ କଟିଆଲଙ୍କୁ ଗତ ବର୍ଷ ନଭେମ୍ବରରେ ଗିରଫ କରିଥିଲା। ଏଥିସହ ପଚରାଉଚରା କରିବା ପାଇଁ ଲାଲା ପ୍ରସାଦ ଯାଦବ ଓ ତାଙ୍କ ପୁଅ ତଥା ବିହାରର ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ସମନ ମଧ୍ୟ କରାଯାଇଥିଲା। ତେବେ ସମନ ଜାରି ହୋଇଥିଲେ ସୁଦ୍ଧା ଲାଲୁ ଓ ତେଜସ୍ୱୀ ଉଭୟ ଏଯାଏଁ ପଚରାଉଚରାରେ ସାମିଲ ହୋଇନାହାନ୍ତି।

କହିରଖୁ ଯେ, ୟୁପିଏ-୧ ମେଣ୍ଟ ସରକାରରେ ଲାଲୁ ପ୍ରସାଦ ଯାଦବ ରେଳ ମନ୍ତ୍ରୀ ଥିବା ବେଳେ ଏହି ଦୁର୍ନୀତି ଆରମ୍ଭ ହୋଇଥିଲା। ଅଭିଯୋଗ ରହିଛି ଯେ, ୨୦୦୪ରୁ ୨୦୦୯ ଯାଏଁ ଅନେକ ଲୋକଙ୍କୁ ଭାରତୀୟ ରେଳ ବଭାଗର ବିଭିନ୍ନ ଜୋନ୍‌ରେ ଗ୍ରୁପ୍ ଡି' ପଦବୀରେ ନିଯୁକ୍ତ କରାଯାଇଥିଲା। ଏହି ଚାକିରି ବଦଳରେ ଲୋକେ ନିଜ ଜମିକୁ ତତ୍କାଳୀନ ରେଳ ମନ୍ତ୍ରୀ ଲାଲୁ ପ୍ରସାଦ ଯାଦବ ଏବଂ ଏ.କେ ଇନ୍‌ଫୋସିଷ୍ଟମ୍ସ ପ୍ରାଇଭେଟ ଲିମିଟେଡ୍‌କୁ ହସ୍ତାନ୍ତର କରିଥିଲେ। ସିବିଆଇ ଦ୍ୱାରା ଦାଖଲ କରାଯାଇଥିବା ଏହି ଅଭିଯୋଗରୁ ଇଡି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୂର୍ବରୁ ସିବିଆଇ ଏହି ମାମଲାରେ ଚାର୍ଜସିଟ୍ ଦାଖଲ କରିସାରିଛି।

---

**ଭାରତ ମହାସାଗର ମଝିରେ ଥିବା ମାଳଦ୍ୱୀପ ଏକ ରାଜନୈତିକ ସଙ୍କଟ ଦେଇ ଗତିକରୁଛି। ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ ଭାରତର ସହଯୋଗ ଲୋଡ଼ିଛନ୍ତି। ମାଳଦ୍ୱୀପ ପ୍ରସଙ୍ଗରେ ଭାରତକାଳେ ହସ୍ତକ୍ଷେପ କରିବ ସେଥିପାଇଁ ଆଗତୁରା ଚୀନ ନୌସେନାର ଯୁଦ୍ଧ ଜାହାଜ ପଠାଇଛି। ଏପରିକି ଚୀନ ଭାରତକୁ ଏହି ସଂକ୍ରାନ୍ତରେ ମାଳଦ୍ୱୀପର ସମସ୍ୟାରେ ହସ୍ତକ୍ଷେପ ନକରିବାକୁ ପରାମର୍ଶ ଦେଇଛି। ତେବେ ଏହି ରାଜନୈତିକ ସଙ୍କଟର ଶେଷ କେଉଁଠି ଓ କେବେ ? ଏହି ପରିପ୍ରେକ୍ଷୀରେ ଭାରତର ଭୂମିକା ହେବ କ'ଣ ? ଏହାକୁ ନେଇ ଏକ ଉପସ୍ଥାପନା...**

# ମାଳଦ୍ୱୀପର ଦୁଃଖ



କ୍ଷମତାର ଆସକ୍ତିରେ ଆପଣା ବି ପର ହୋଇଯାଏ ଆଉ ମିତ୍ର ପାଲଟିଯାଏ ଶତ୍ରୁ। ମାଳଦ୍ୱୀପର ସାମ୍ପ୍ରତିକ ରାଜନୀତିର ସଙ୍କଟ ହିଁ ଏହାର ଉଦାହରଣ। ଭାରତ ମହାସାଗର ମଧ୍ୟ ଭାଗରେ ଅବସ୍ଥିତ ମାଳଦ୍ୱୀପରେ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟ ଓ ଜରୁରୀ ପରିସ୍ଥିତି କ୍ରମଶଃ ଅନିଶ୍ଚିତତା ମଧ୍ୟରେ ଗତିକରୁଛି। ତିନି ଦଶନ୍ଧି ଧରି ମାଳଦ୍ୱୀପର ଅଖଣ୍ଡ କ୍ଷମତାକୁ ଜାବୁଡ଼ି ଧରିଥିବା ମୌମୁନ୍ ଅବଦୁଲ୍ ଗାୟୁମଙ୍କର ଅବସ୍ଥା ଯେ ଏପରି ହେବ ଓ ସେ ଜେଲ୍ ଜୀବନ ବିତାଇବେ ଏହା କଳ୍ପନାତୀତ। ଗାୟୁମଙ୍କ ସାବତ ଭାଇ ୟାମିନ୍ ତାଙ୍କୁ କ୍ଷମତାଚ୍ୟୁତ କରି ଜେଲ ପଠାଇ ଓ ନିଜେ ମାଳଦ୍ୱୀପର ଶାସନଡ଼ୋରୀ ସମ୍ଭାଳିଛନ୍ତି। ୟାମିନ୍ ନିଜ ଶାସନରେ ମୌମୁନ୍ ଅବଦୁଲ୍ ଗାୟୁମଙ୍କ କନ୍ୟା ଦୁନିଆ ଗାୟୁମଙ୍କୁ ବୈଦେଶିକ ମନ୍ତ୍ରୀ କରିବା ସହିତ ଗାୟୁମଙ୍କ ପୁଅକୁ ମଧ୍ୟ ମନ୍ତ୍ରୀ କରାଇଥିଲେ। କିନ୍ତୁ ଦୁନିଆ ଗାୟୁମ ବେଶିଦିନ ମନ୍ତ୍ରୀ ପଦରେ ରହି ପାରିଲେ ନାହିଁ। ସେ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ନାସିଦଙ୍କ ପ୍ରରୋଚନାରେ ଭାରତ ପ୍ରସଙ୍ଗ ଉପରେ ହସ୍ତକ୍ଷେପ କରୁଛନ୍ତି ବୋଲି ଅଭିଯୋଗରେ ତାଙ୍କୁ ମନ୍ତ୍ରୀପଦରୁ ବାହାର କରିଦିଆଯାଇଛି।

ଦୁନିଆ ଗାୟୁମ ମନ୍ତ୍ରୀପଦ ହରାଇବା ପରେ ସେ ନାସିଦଙ୍କ ଉପରେ ସବୁଠୁ ଅଧିକ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଅନୁଭବ କଲେ ଯେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ ଓ ତାଙ୍କ ପିତା ମୌନୁନ୍ ଅବଦୁଲ ଗାୟୁମ୍ ତାଙ୍କ ଚାଚା ବର୍ତ୍ତମାନର ରାଷ୍ଟ୍ରପତି ୟାମିନଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏବଂ ତାଙ୍କ ପରିବାର ଯାହାସବୁ କିଛି ଘଟିଯାଇଛି ସେଥିପାଇଁ ନାସିଦ୍‌ଙ୍କୁ ସେ ଦାୟୀ କରିଛନ୍ତି।

ନାସିଦ୍ ହେଉଛନ୍ତି ମାଳଦ୍ୱୀପର ପ୍ରଥମ ରାଷ୍ଟ୍ରପତି ଯିଏକି ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହୋଇଥିଲେ। ୨୦୧୨ ମସିହାରେ ସେନାର ବିଦ୍ରୋହ ଯୋଗୁଁ ସେ ପଦଚ୍ୟୁତ ହୋଇଥିଲେ ଓ ତାଙ୍କୁ ପରବର୍ତ୍ତୀ ସମୟରେ ୧୩ବର୍ଷ ପାଇଁ ଦଣ୍ଡାଦେଶ ହୋଇଥିଲା।

## ସଙ୍କଟର ଅନ୍ତରାଳେ

ମାଳଦ୍ୱୀପର ୮୫ ସଦସ୍ୟ ବିଶିଷ୍ଟ ସଂସଦ (ମଜଲସ)ରେ ବର୍ତ୍ତମାନ ଶାସକ ପ୍ରୋଗ୍ରେସିଭ୍ ପାର୍ଟିର ୪୪ଜଣ ସାଂସଦ ଦୁଇ ଗୋଷ୍ଠିରେ ବିଭକ୍ତ ହେବାପରେ ରାଜନୈତିକ ସଙ୍କଟ ଉପୁଜିଛି। ଗୋଟିଏ ଗୋଷ୍ଠୀର ନେତୃତ୍ୱ ବର୍ତ୍ତମାନର ରାଷ୍ଟ୍ରପତି ୟାମିନ୍ ନେଉଥିବା ବେଳେ ଅନ୍ୟଗୋଷ୍ଠୀର ନେତୃତ୍ୱ ତାଙ୍କର ସମ୍ପର୍କୀୟ ଭାଇ ମୌନୁନ ଅବଦୁଲ୍ ଗୟୁମ ନେଉଛନ୍ତି, ଯିଏ ତିନି ଦଶନ୍ଧି ଧରି ଦେଶର ଶାସନ ଦାୟିତ୍ୱରେ ଥିଲେ। ରାଷ୍ଟ୍ରପତି ଅବଦୁଲ୍ଲା ୟାମିନ ନିଜ ବିରୋଧିନେତା ତଥା ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ଲା ନସିଦ ଓ ତାଙ୍କର ୯ଜଣ ସମର୍ଥକଙ୍କୁ ଗିରଫ କରି ଜେଲ୍‌ରେ ଭର୍ତ୍ତି କରିବା ପରେ ସେଠାରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ରାଜନୈତିକ ସଙ୍କଟର ସମାଧାନ ପାଇଁ ଦେଶର ପ୍ରଧାନ ବିଚାରପତି ଅବଦୁଲ୍ଲା ସୟିଦ୍ ସେମାନଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ୟାମିନ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ପରେ ନିର୍ବାଚନ ଆୟୋଗ ସେଠାକାର ଅସ୍ଥିରତାର ଅନ୍ୟ ଏକ କାରଣ ପାଲଟିଛି। ୨୦୧୮ ମସିହା ଫେବୃଆରୀ ୧ ତାରିଖରେ ୧୨ ସାଂସଦଙ୍କ ସଦସ୍ୟତା ରଦ୍ଦକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ରାୟ ଦେଇଛନ୍ତି ତାହା ଯଥାର୍ଥ ବୋଲି ନିର୍ବାଚନ ଆୟୋଗ ଜଣାଇଛନ୍ତି। ଏତଦ୍ୱାରା ୧୨ଟି ଆସନରେ ଉପନିର୍ବାଚନ ହେବନାହିଁ। ଯେଉଁ ୧୨ଜଣ ସାଂସଦଙ୍କ ସଦସ୍ୟତା ରଦ୍ଦ ହୋଇଛି ସେମାନେ ମାଳଦ୍ୱୀପର ଶାସନାଧୀନ ପ୍ରୋଗ୍ରେସିଭ୍ ପାର୍ଟିରୁ ପ୍ରତିନିଧିତ୍ୱ କରୁଥିଲେ ଓ ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ପରେ ୟାମିନ୍ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରି ସେନା ସହାୟତାରେ ପ୍ରଧାନ ବିଚାରପତି ଅବଦୁଲ୍ଲା ସୟିଦ୍‌ଙ୍କୁ ଗିରଫ କରି ଦେଶର ଶାସନଭାର ହାତକୁ ନେବା ସହିତ ସଂସଦକୁ ସିଲ୍ କରିଦେଲେ। ପୂର୍ବତନ ରାଷ୍ଟ୍ରପତି ମୌମୁନ୍ ଅବଦୁଲ୍ ଗାୟୁମ୍‌ଙ୍କୁ ମଧ୍ୟ ମାଳଦ୍ୱୀପ ସେନା ଗିରଫ କରିନେଲା।

ଭାରତ ପରି ମାଳଦ୍ୱୀପରେ ଦଳବଦଳ ଆଇନ୍ ନାହିଁ, କିନ୍ତୁ କିନ୍ତୁ ରାଷ୍ଟ୍ରପତି ଅବଦୁଲ୍ ଦଳବଦଳ ନୀତି ଲାଗୁ କରି ଏହି ୧୨ ସାଂସଦଙ୍କ ସଦସ୍ୟତାକୁ ରଦ୍ଦ କରିବା ପାଇଁ ଆଦେଶ ଦେଲେ। କିନ୍ତୁ ନିର୍ବାଚନ ଆୟୋଗଙ୍କ କହିବା ଅନୁସାରେ ସଦସ୍ୟତା ହରାଇଥିବା ୧୨ ଜଣ ସାଂସଦ ସରକାରରେ ଥାଇ ସେମାନଙ୍କର ସମର୍ଥନ ପ୍ରତ୍ୟାହାର କରିଥିଲେ ଓ ଏହାର ସାତଦିନ ପରେ ୟାମିନ୍ ସରକାର ଦଳବଦଳ ଆଇନ୍ ଆଣିଲେ। ଯଦି ଏଇ ଆଇନ୍ ପୂର୍ବରୁ ଆଣିଥାନ୍ତେ ତେବେ ସେହି ସାଂସଦଙ୍କ ସଦସ୍ୟତା ରଦ୍ଦ କରିବା ଆଇନ୍ ସମ୍ମତ ହୋଇଥାନ୍ତା।

ରାଷ୍ଟ୍ରପତି ଅବଦୁଲ୍ଲା ୟାମିନ୍‌ଙ୍କ ପୂର୍ବ ଘୋଷଣା ଅନୁସାରେ ଜରୁରୀ ପରିସ୍ଥିତି ମିଆଦ ୧୫ଦିନ ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲେ। କିନ୍ତୁ ରାଜନୈତିକ ସଙ୍କଟର ଅବସାନ ହୋଇନଥିବାରୁ ୟାମିନ୍‌ଙ୍କ ପାର୍ଲାମେଣ୍ଟାରୀ ସ୍ୱୀକୃତି ବଳରେ ଏହି ଜରୁରୀ ପରିସ୍ଥିତି ମିଆଦକୁ ଆଉ ୧୫ଦିନ ପାଇଁ ବଳବତ୍ତର ରଖିବାକୁ ଘୋଷଣା କରିଛି। ଫଳରେ ମାଳଦ୍ୱୀପ ଜରୁରୀ ପରିସ୍ଥିତି ଏକ ଅନିର୍ଦ୍ଦିଷ୍ଟ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି।

ଜେଲ୍‌ରେ ବନ୍ଦୀଥିବା କିଛି ଟାଣୁଆ ରାଜନେତାଙ୍କୁ ଖଲାସ କରିବା ପାଇଁ ସେଠାକାର ଉଚ୍ଚନ୍ୟାୟାଳୟ ଆଦେଶ ଦେଲା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଆଦେଶକୁ ରାଷ୍ଟ୍ରପତି ୟାମିନ୍ ମାନୁ ନଥିବାରୁ ପରିସ୍ଥିତି ଜଟିଳ ହୋଇଛି। ଏବେ ଏହାକୁ ନେଇ ରାଷ୍ଟ୍ରପତି ଓ ସର୍ବୋଚ୍ଚ ନ୍ୟାୟାଳୟ ମୁହାଁମୁହିଁ ହୋଇଛନ୍ତି। ଫଳରେ ସୁପ୍ରିମ୍‌କୋର୍ଟ ରାଷ୍ଟ୍ରପତି ୟାମିନ୍‌ଙ୍କୁ ଗିରଫ କରିବା ପାଇଁ ଆଦେଶ ଜାରି କରିବାର ସମ୍ଭାବନା ଉପୁଜିଛି।

ଅନ୍ୟ ଏକ ଘଟଣାକ୍ରମରେ ଦୁର୍ନୀତି ଅଭିଯୋଗରେ ପ୍ରଧାନ ବିଚାରପତି ଅବଦୁଲ୍ଲା ସଇଦ୍, ବିଚାରପତି ଅଲ୍ଲୀ ହମିଦ୍ ମହମ୍ମଦଙ୍କୁ ଗିରଫ କରାଯାଇଛି। ଅନ୍ୟ ତିନିଜଣ ବିଚାରପତି ଡ. ଅହମ୍ମଦ ଅବଦୁଲ୍ଲା, ଅବଦୁଲ୍ଲା ତାରିଫ୍ ଓ ଆଦମ ମହମ୍ମଦ ଅବଦୁଲ୍ଲାଙ୍କୁ ଧମକାଇ ସେହି ଆଦେଶକୁ ରଦ୍ଦ କରିବା ନେଇ ସରକାରଙ୍କ ପକ୍ଷରୁ ଚାପ ପ୍ରୟୋଗ କରାଯାଉଛି। ଏହି ତିନିଜଣ ବିଚାରପତି ୯ଜଣ ରାଜନେତାଙ୍କ ମୁକ୍ତିର ଆଦେଶକୁ ସ୍ଥଗିତ ରଖିବା ଭଳି ଆଦେଶ ଦେଇଥିବାରୁ ଏହା ସରକାରଙ୍କ ଚାପର ବଶବର୍ତ୍ତୀ ବୋଲି ସ୍ପଷ୍ଟ ମନେହେଉଛି। ସେଥିପାଇଁ ମାଳଦ୍ୱୀପ ସୁପ୍ରିମ୍‌କୋର୍ଟ ଭାରତ ସମେତ ଅନ୍ୟ ଗଣତାନ୍ତ୍ରିକ ଦେଶକୁ ଆଇନ୍ ଶୃଙ୍ଖଳା ବଜାୟ ରଖିବା ଲାଗି ସାହାଯ୍ୟ ମାଗିଛନ୍ତି। ମାଳଦ୍ୱୀପ ପ୍ରସଙ୍ଗରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍‌ଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲେ ମଧ୍ୟ ଏହାର ନିଷ୍ପତ୍ତି ଅସ୍ପଷ୍ଟ ରହିଛି।

ମାଳଦ୍ୱୀପ ପାଇଁ ଭାରତର ଭୂମିକା ମାଳଦ୍ୱୀପ ସହିତ ଭାରତର ସମ୍ପର୍କ ବେଶ୍ ସୁଦୃଢ଼, ତେଣୁ ଭାରତ ନିଜଆଡୁ ଏହି ସଙ୍କଟ ପରିସ୍ଥିତିରେ ହସ୍ତକ୍ଷେପ କରିବାକୁ ଚାହୁଁନି। କିନ୍ତୁ ଭାରତ ପକ୍ଷରୁ ମାଳଦ୍ୱୀପ ସରକାରଙ୍କର ଏପ୍ରକାର ଯୋଜନାକୁ ବିରୋଧ କରାଯାଇଛି। ଏପରିକି ଭାରତୀୟ ନାଗରିକଙ୍କୁ ମାଳଦ୍ୱୀପ ନଯିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅପର ପକ୍ଷରେ ମାଳଦ୍ୱୀପରେ ଦେଖାଯାଇଥିବା ସଙ୍କଟର ସମାଧାନ ପାଇଁ ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ ଭାରତର ସହଯୋଗ ଲୋଡ଼ିଛନ୍ତି।

ମାଳଦ୍ୱୀପ ପ୍ରସଙ୍ଗରେ ଭାରତ ହସ୍ତକ୍ଷେପ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଚୀନ୍ ଅନୁମାନ କରି ନିଜଆଡୁ ଆଗତୁରା ପଦକ୍ଷେପ ନେଇଛି। ଏହାର ଫଳସ୍ୱରୂପ ଚୀନ୍ ନୌସେନାର ଏକ ଯୁଦ୍ଧଜାହାଜ, ଏକ ଫ୍ରିଗେଟ୍, ୩୦ ହଜାର ଟନ୍ ଆମ୍ଫିବିୟସ୍ ଟ୍ରାନ୍ସପୋର୍ଟ ଡକ୍ ଓ ୩ଟି ସପୋର୍ଟ ଟ୍ୟାଙ୍କର ମାଳଦ୍ୱୀପ ଅଭିମୁଖେ ପଠାଇଛି। ଚୀନ୍ ମଧ୍ୟ ସିଧାସଳଖ କହିଛି ମାଳଦ୍ୱୀପ ସଙ୍କଟରେ ଭାରତ ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ। ଏହା ତାଙ୍କ ଦେଶର ଆଭ୍ୟନ୍ତରଣ ବ୍ୟାପାର। ଦେଶରେ ଉପୁଜିଥିବା ସଂକଟର ସମାଧାନ ଦାୟିତ୍ୱ ସେ ଦେଶର ନାଗରିକଙ୍କ ଉପରେ ଛାଡ଼ି ଦିଆଯିବା ଉଚିତ୍।

ବିଶେଷଜ୍ଞଙ୍କ କହିବାନୁସାରେ ଚୀନ୍ ଏବେ ଦକ୍ଷିଣ ଚୀନ୍ ସାଗର ପରି ଭାରତ ମହାସାଗରରେ ମଧ୍ୟ ନିଜ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଛି। ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ ପରି ଭାରତର ପାରମ୍ପରିକ ବନ୍ଧୁରାଷ୍ଟ୍ରଗୁଡ଼ିକୁ ଚତୁରତାର ସହିତ ଚୀନ୍ ନିଜ ପକ୍ଷକୁ ନେଇ ସାରିଥିବା ବେଳେ ଏବେ ଭାରତର ସର୍ବାଧିକ ପ୍ରଭାବ ରହିଥିବା ଭାରତ ମହାସାଗର ମଧ୍ୟରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମ କରୁଛି।

ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ମାଳଦ୍ୱୀପରେ ସ୍ୱାଭାବିକ ପରିସ୍ଥିତିକୁ ଫେରିବା ସହିତ ରାଜନୈତିକ ପ୍ରକ୍ରାୟା ଆରମ୍ଭ ହେବା ଜରୁରୀ। ଜରୁରୀ ପରିସ୍ଥିତି ସମୟ ସୀମାକୁ ଅଯଥା ବୃଦ୍ଧି ନକରି ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ୟାମିନ୍‌ଙ୍କୁ ନିବେଦନ କରାଯାଇଛି।

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**